ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୧ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 NOVEMBER 2023

Vol.No. 34 ■ No. 305■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୨୨ରେ ବିଧାନସଭା ଘେରିବେ ବସ୍ ମାଲିକ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଲକ୍ଷ୍ମୀ ବସ୍ ଯୋଜନା ଓ ମୋ ବସ୍‌କୁ ବିରୋଧ କରି ଆସନ୍ତି ୨୨ ତାରିଖରେ ବିଧାନସଭା ଆଗରେ ପ୍ରତିବାଦ କରିବ ଘରୋଇ ବସ୍ ମାଲିକ ସଂଘ। ଅନ୍ୟପକ୍ଷରେ ୨୨ ତାରିଖର ଲହି ପ୍ରତିବାଦକୁ ସମ୍ମତି ଜଣାଇଛି କଟକ ଘରୋଇ ବସ୍ ମାଲିକ ସଂଘ । ୧୦୦ ଜଣ ବସ୍ ମାଲିକ ଏହି ପ୍ରତିବାଦରେ ସାମିଲ୍ ହେବେ ବୋଲି କଟକ ଘରୋଇ ବସ୍ ମାଲିକ ସଂଘ ନିଷ୍ପତି ନେଇଛି। ସୂଚନାଯୋଗ୍ୟ ଯେ ଗତ ୮ ତାରିଖରେ ଅନୁଷ୍ଠିତ ଘରୋଇ ବସ୍ ମାଲିକ ସଂଘର ବୈଠକରେ ୨୨ ତାରିଖରେ ବିଧାନସଭା ଆଗରେ ଧାରଣା ଦେବାକୁ ନିଷ୍ପତି ହୋଇଥିଲା।

ଭୁବନେଶ୍ୱର ମେଟ୍ରୋ ପାଇଁ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର , ୨୦/୧୧ (ନି.ପ୍ର): ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଲିଃ ଓ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଲିଃ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଚୁକ୍ତି ଅନୁସାରେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହି ଚୁକ୍ତି ଓଡ଼ିଶାର ପରିବହନ ଇତିହାସରେ ଏକ ନୂତନ ଯୁଗର ଆବିର୍ଭାବର ସଙ୍କେତ ଦେଉଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରକଳ୍ପ ମାଧ୍ୟମରେ ଆମେ ରାଜଧାନୀ ଅଞ୍ଚଳରେ ପରିବହନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛୁ । ମୋ ସରକାରଙ୍କ ୫-ଟି ଇନିସିଏଟିଭ୍ ଅଧୀନରେ ଏହା ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ, ଯାହା ଏକ ନୂତନ ଓଡ଼ିଶାର ଆବିର୍ଭାବର ପ୍ରତୀକ ହେବ ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ମୋଟ ୬୨୫୫ କୋଟି ଟଙ୍କା ବ୍ୟୟ ହେବ ଓ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ଉଠାଇବେ । ପକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ମୋଟ ୨୬ କିଲୋମିଟର ପର୍ଯ୍ୟନ୍ତ ମେଟ୍ରୋ ରେଳ ଚାଲିବ । ଏହା ମଧ୍ୟରେ

ମୋଟ ୨୦ଟି ଷ୍ଟେସନ ରହିବ । ଏସବୁ ଷ୍ଟେସନ ମଧ୍ୟରେ ରହିଛି ରାଜମହଲ ଛକ, ଜୟଦେବ ବିହାର ଛକ, କ୍ୟାପିଟାଲ ହସପିଟାଲ, ପଟିଆ ଛକ ଇତ୍ୟାଦି । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଏପ୍ରିଲ ପହିଲାରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ସଂପର୍କରେ ଘୋଷଣା କରିଥିଲେ ।

ରାଜଧାନୀରେ ଚାଂଚଲ୍ୟ: ପତ୍ନୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ସ୍ୱାମୀ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଅଫିସ୍‌ରେ ପଶି ପତ୍ନୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ସ୍ୱାମୀ। ଆଜି ଅପରାହ୍ନରେ ଏପରି ହୃଦୟ ବିଦାରକ ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଛି। କମିଶନରେଟ୍ ପୁଲିସ୍ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଥିବା ବେଳେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରିଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପଛ ପାର୍ଶ୍ୱରେ ରହିଛି କୃର୍ତ୍ତିବନ୍ଧୁ ଆପାର୍ଟମେଣ୍ଟ୍। ସେହି ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ଗୋଟିଏ ବିଲଡର ସଂସ୍ଥାର ଅଫିସ୍ ରହିଛି। ସବୁଦିନ ପରି ଆଜି ମଧୁସ୍ମିତା ଦାସ ଜଣକ ଅଫିସ୍ ଆସିଥିଲେ। ଅପରାହ୍ନ ପ୍ରାୟ ୧ଟା ବେଳେ କର୍ମଚାରୀମାନେ ଅଫିସ୍ କାମରେ ବ୍ୟସ୍ତ ଥିଲେ। ସେ ମଧ୍ୟ କାମରେ ବ୍ୟସ୍ତ ଥିଲେ। ଠିକ୍ ସେହି ସମୟରେ ମଧୁସ୍ମିତାଙ୍କ ସ୍ୱାମୀ ଅଫିସ୍‌ରେ ପଶିଥିଲେ। ସେ ତାଙ୍କ ପତ୍ନୀଙ୍କୁ ଖୋଜିଥିଲେ। ପତ୍ନୀଙ୍କୁ ସମ୍ମୁଖରେ ପାଇ ପାଖରେ ରଖିଥିବା ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଅଫିସ୍ ସାରା ମଧୁସ୍ମିତା ଦୌଡୁଥିଲେ। ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ମଧୁସ୍ମିତା ସ୍ୱାମୀଙ୍କ ଉଗ୍ର

ରୂପ ଦେଖି ଅନ୍ୟ କର୍ମଚାରୀମାନେ ଭୟଭୀତ ହୋଇଯାଇଥିଲେ। ପରେ ବହୁ କଷ୍ଟରେ ତାଙ୍କୁ କାବୁ କରିଥିଲେ। ଏନେଇ ଭରତପୁର ଥାନାକୁ ସୂଚନା ଦେଇଥିଲେ। ପୁଲିସ ଆପାର୍ଟମେଣ୍ଟରେ ପହଞ୍ଚି ତାଙ୍କୁ ଅଟକ ରଖି ପଚରା ଉଚରା କରୁଛି। ତେବେ ଆକ୍ରମଣର କାରଣ ଜଣାପଡ଼ି ନାହିଁ। ସେପଟେ ସ୍ୱାମୀଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ ମଧୁସ୍ମିତା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି। କମିଶନରେଟ୍ ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

ମାହାଙ୍ଗା ଡବଲ ମର୍ଡର: ବିଧାୟକ ପ୍ରତାପ ଜେନାଙ୍କୁ ମହଲତ

ମାହାଙ୍ଗା, ୨୦/୧୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଜେଡି ବିଧାୟକ ପ୍ରତାପ ଜେନାଙ୍କୁ ମହଲତ। ଡିସେମ୍ବର ୨୬ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି ସାଲେପୁର ଜେଏମଏଫସି କୋର୍ଟ। ଉଭୟ ପିଟିସନରକୁ ମଞ୍ଜୁର କରି ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଜଚଉ ୨୦୫ ଓ ୨୧୦ ଶୁଣାଣି କରି ଜେଏମଏଫସି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଜେଡି ବିଧାୟକ ପ୍ରତାପ ଜେନାଙ୍କୁ ପୁଣି ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ମିଳିଛି ଆଶ୍ୱସ୍ତି। ଗତ ୧୮ ତାରିଖରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ପ୍ରତାପ ଜେନାଙ୍କୁ ବ୍ୟକ୍ତିଗତ ହାଜିରାରୁ ବାଦ ଦେବା ପାଇଁ ଓକିଲଙ୍କ ମାଧ୍ୟମରେ ଏକ ପିଟିସନ୍ ଦାୟର କରିଥିଲେ। ଅନ୍ୟପକ୍ଷରେ ଉଜଚଉ ଧାରା ୨୧୦ ଅନୁସାରେ ପ୍ରତାପ

ଜେନାଙ୍କ ନାଁକୁ ମୂଳ କୋର୍ଟ କେସ୍ ସହିତ ଯୋଡ଼ିବା ପାଇଁ ମଧ୍ୟ ପ୍ରତିପକ୍ଷ ଓକିଲ୍ ଆବେଦନ କରିଥିଲେ। ସେପଟେ ଉଭୟ ପିଟିସନର ଶୁଣାଣି ନକରିବା ପାଇଁ ପ୍ରତାପ ଜେନାଙ୍କ ଓକିଲ ମାନ୍ୟବର କୋର୍ଟଙ୍କୁ ଅନୁରୋଧ କରି ଅଧିକ ସମୟ ମାଗିଥିଲେ। ଯେହେତୁ ହାଇକୋର୍ଟରେ ମାମଲା ବିଚାରଧୀନ ରହିଛି, ତେଣୁ ଏହି ଦୁଇଟି ପିଟିସନର ଶୁଣାଣି ପାଇଁ ଅଧିକ ସମୟ ଦିଆଯାଉ ବୋଲି ସେ ପ୍ରାର୍ଥନା କରିଥିଲେ। ଉଭୟ ପକ୍ଷ ଓକିଲଙ୍କ ଯବାଲ ସବାଲକୁ ଶୁଣି କୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଜି କୋର୍ଟଙ୍କ ରାୟ ପ୍ରକାଶ ପାଇଛି। ଟାଇମ୍ ପିଟିସନକୁ ମଞ୍ଜୁର କରି ଆସନ୍ତା ୨୬ ତାରିଖରେ ପୁଣି ଉଭୟ ପିଟିସନର ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି। ଅନ୍ୟପଟେ ହାଇକୋର୍ଟରେ ମଧ୍ୟ ଏହି ମାମଲାର ଆସନ୍ତା ଡିସେମ୍ବର ୧୯ ତାରିଖରେ ଶୁଣାଣି ରହିଛି। ଦୁଇ ଦୁଇ ଥର ପୁଲିସ ସିଡିରୁ ନାଁ କାଟିବା ପରେ ପ୍ରତାପ ପୁଣିଥରେ ମାହାଙ୍ଗାର ବିଜେପି ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାରେ ଛନ୍ଦି ହୋଇଛନ୍ତି। ତାଙ୍କ ନାଁରେ ୩୦୨, ୫୦୬ ଓ ୧୨୦ଭ ଭଳି ସଙ୍ଗିନ ଦଫା ରହିଛି।

ଦୁଇଟି ବାଘ ଛାଲ ଜବତ: ଜଣେ ଗିରଫ

ନୟାଗଡ଼, ୨୦/୧୧ (ନି.ପ୍ର): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅଞ୍ଚଳରୁ ଏସ୍‌ଟିଏଫ୍ ଦୁଇଟି କଲତାପତରିଆ ବାଘ ଛାଲ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁ ବୈଦ୍ୟରାଜ ମଲ୍ଲିକ (୪୦)। ତାଙ୍କ ଘର ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ବାଲି ବେରେଣାରେ। ଏସ୍‌ଟିଏଫ୍‌ର ଏକ ଟିମ୍ ଦଶପଲ୍ଲା ଥାନା ଅନ୍ତର୍ଗତ କୁଆଁରିଆ ଡ୍ୟାମ୍‌ର ଡିୟର ପାର୍କ ନିକଟରେ

▶▶ପୃଷ୍ଠା ୭

ବୟସାଧିକ ଓ ରୋଗାକ୍ରାନ୍ତ ଲୋକଙ୍କୁ ଶ୍ରୀମନ୍ଦିର ନ ଆସିବାକୁ ମୁଖ୍ୟ ପ୍ରଶାସକଙ୍କ ଅନୁରୋଧ

- ■ କ୍ଷୋଭ ପ୍ରକାଶ କଲେ ଛତିଶଗଡ଼ ରାଜ୍ୟପାଳ
- ■ ଧାଡ଼ିରୁ ଉଦ୍ଧାର କରିବାକୁ ବୃଦ୍ଧାଙ୍କ ଅନୁରୋଧ

ପୁରୀ, ୨୦/୧୧ (ନି.ପ୍ର): ଆଜି ଶ୍ରୀମନ୍ଦିର ସମ୍ମୁଖରେ ବଡ଼ଦାଣ୍ଡରେ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସକାଳୁ ଆସିଥିବା ଭକ୍ତ ଦିନ ୧୦ଟା ଯାଏ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ମାସ ଯୋଗୁ ଏବେ ପୁରୀ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଛି। ପ୍ରବଳ ଭିଡ଼ ଯୋଗୁ ଆଜି ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା କିଛି ଶ୍ରଦ୍ଧାଳୁ ଅସୁସ୍ଥ ହୋଇପଡ଼ିଥିଲେ। ଏହାକୁ ଦୃଷ୍ଟିରେ ରଖି ବୟସାଧିକ ଓ ରୋଗାକ୍ରାନ୍ତ ଲୋକଙ୍କୁ ଏବେ ପୁରୀ ନଆସିବାକୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ। ସେ କହିଛନ୍ତି, ଯେଉଁଠି ଥାଇ ଡାକିଲେ ଭଗବାନ ସେମାନଙ୍କ କଥା ଶୁଣିବେ। ଅତ୍ୟଧିକ ଆଗ୍ରହ ଦେଖାଇ ଭିଡ଼ ଭିତରକୁ ନପଶିବାକୁ ସେମାନଙ୍କୁ ଅନୁରୋଧ କରୁଛି। ଯେଉଁ ସମୟରେ କମ୍ ଭିଡ଼ ଥିବ,ସୂଚନା ନେଇ ସେହି ସମୟରେ ଆସିଲେ ଭଲ ହେବ। ଠାକୁରଙ୍କୁ ଦର୍ଶନ କରିବାର ଆଗ୍ରହ ସହ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଆସିବାକୁ ସମସ୍ତଙ୍କୁ ଅନୁରୋଧ।

ଶ୍ରୀମନ୍ଦିର ନୀତିକାନ୍ତି ବିଷୟରେ ଭକ୍ତଙ୍କୁ ସୂଚନା ଦେବା ପାଇଁ ମର୍ଚ୍ଚିକୋଟ ଛକ ଯାଏଁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯିବ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଏନେଇ ବିଶେଷ ଆଲୋଚନା କରାଯିବ ବୋଲି ସୂଚନା ଦେଇଛନ୍ତି

▶▶ପୃଷ୍ଠା ୭

ଆଜିଠୁ ବିଧାନସଭା: ସୁରକ୍ଷା ପାଇଁ ମୁତୟନ ହେବ ଡ୍ରୋନ୍ କ୍ୟାମେରା

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଆସନ୍ତାକାଲିଠାରୁ ବିଧାନସଭାର ଶୀତ ଅଧିବେଶନ ଅନୁଷ୍ଠିତ ହେବ। ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ବିଜେପି ଆଜି ନିଜର ରଣନୀତି ଚୂଡ଼ାନ୍ତ କରିଥିବାବେଳେ କଂଗ୍ରେସ ବିଧାୟକ ଦଳ ବୈଠକ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ବସିବ। ଶାସକ ବିଜେଡି ନିଜର ବିଧାୟକ ଦଳ ବୈଠକ କରି ରଣନୀତି ଚୂଡ଼ାନ୍ତ କରିବ। ତେବେ ବିଧାନସଭା ଅଧିବେଶନବେଳେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୨୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ । ଡ୍ରୋନ୍ ମାଧ୍ୟମରେ ଲୋକଙ୍କ ଉପରେ ନଜର ରଖିବାକୁ ପୁଲିସ ଯୋଜନା କରିଥିବା ଜଣାପଡ଼ିଛି । ଶୀତ ଅଧିବେଶନ ଆସନ୍ତାକାଲିଠୁ ଆରମ୍ଭ ହୋଇ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବସିବାର କାର୍ଯ୍ୟକ୍ରମ ରହିଛି । ଶୀତ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ଆଜି ସର୍ବଦଳୀୟ ବୈଠକ ଡାକି ସମସ୍ତ ଦଳର ସହଯୋଗ ଲୋଡ଼ିଛନ୍ତି। ଆଜି ଅପରାହ୍ନରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି ।

▶▶ପୃଷ୍ଠା ୭

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ସମୟଧାର୍ଯ୍ୟ

ଜାନୁଆରୀ ୨୨ ଦିନ ୧୨ଟା ୨୦ ମିନିଟରେ ହେବ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା

ନୂଆଦିଲ୍ଲୀ, ୨୦/୧୧ : ଅଯୋଧ୍ୟ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଆସିଛି ବଡ ଖବର । ଜାନୁଆରୀ ୨୨ ଦିନ ୧୨ଟା ୨୦ ମିନିଟରେ ହେବ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା । ପ୍ରଧାନମନ୍ତ୍ରୀ ମୋଦୀ ଗର୍ଭଗୃହରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କରିବେ । ସେହି ୪୮ ମିନିଟ ବେଶ ମହତ୍ୱପୂର୍ଣ୍ଣ ହେବାକୁ ଯାଉଛି । ମିଳିଥିବା ସୂଚନା ଅନୁସାରେ କାର୍ଯ୍ୟକ୍ରମକୁ ୪ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ଅଭିଜିତ ମୁହୂର୍ତ ମୃଗଶିରା ନକ୍ଷତ୍ରରେ କରାଯିବ ପ୍ରାଣପ୍ରତିଷ୍ଠା । କୁହାଯାଉଛି ଦୀପଷ୍ଟୋବ ପରି ରାମଲଲାଙ୍କ ପ୍ରାଣପ୍ରତିଷ୍ଠାକୁ ଭବ୍ୟ ଆୟୋଜନ କରାଯିବ । ତେବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ଚାରୋଟି ପର୍ଯ୍ୟାୟ ଯୋଜନା କରାଯାଇଛି । ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୦ ଯାଏଁ ଚାଲିବ । ଆହ୍ୱନ ପ୍ଲାନର ଏକ ବାହ୍ୟରେଖା ପ୍ରସ୍ତୁତ ହେବ । ଜାନୁଆରୀ ୨ରୁ ୨ୟ ପର୍ଯ୍ୟାୟ ଆରମ୍ଭ ହେବ । ଜାନୁଆରୀ ୨୨ରେ ତୃତୀୟ ପର୍ଯ୍ୟାୟରେ ମୁଖ୍ୟ କାମ ସମ୍ପାଦନ କରାଯିବ । ୪ର୍ଥ ପର୍ଯ୍ୟାୟ ଚାଲିବ ଫେବୃଆରୀ ୨୨ ଯାଏଁ । ଏହି ସମୟରେ ରାମଲଲାଙ୍କ ଦର୍ଶନ ପାଇବେ ଶ୍ରଦ୍ଧାଳୁ ।

ପାଠକାର୍ପିତ ହେଲା ଅଧ୍ୟାପକ କିଶୋର ଗାନ୍ଧୀଙ୍କ ଚାରିଖଣ୍ଡ ପୁସ୍ତକ

ବାଲେଶ୍ୱର, ୨୦/୧୧ (ନି.ପ୍ର): 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ପକ୍ଷରୁ ପ୍ରକାଶିତ ଅବସରପ୍ରାପ୍ତ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ କିଶୋର ଗାନ୍ଧୀଙ୍କ ଲିଖିତ ଚାରିଖଣ୍ଡ ନୂତନ ପୁସ୍ତକର ପାଠକାର୍ପଣ ଉତ୍ସବ ୧୯ ତାରିଖ ସଂଧ୍ୟାରେ ବାଲେଶ୍ୱର ଷ୍ଟେସନକ୍ଲବ ସଭାଗୃହରେ ଏକ ଭାବଗମ୍ଭୀର ପରିବେଶରେ ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ସଂପନ୍ନ ହୋଇଛି । ବରିଷ୍ଠ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଡ. ମଥୁରାନାଥ ହୋତା, ଡ. ଅରବିନ୍ଦ ଗିରି, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ, ଅଭୟ ଦାସ ପ୍ରମୁଖ ସୁଖ୍ୟାତ ସାହିତ୍ୟିକ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରି ପୁସ୍ତକରେ ସ୍ଥାନିତ ଗଳ୍ପ ଗୁଡ଼ିକ ପାଠକର ଯେଭଳି ମନଛୁଆଁ ଓ ଶିକ୍ଷଣୀୟ ସେହିଭଳି ସୁଖପାଠ୍ୟରେ ପରିପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଉନ୍ମୋଚିତ ପୁସ୍ତକ ମଧ୍ୟରେ ରହିଛି ଇଂରାଜୀରେ 'ମନୋଜ ଦାସ ଏରିଡାଇସ୍ ରେସପନ୍ସ', ଓଡ଼ିଆରେ ଗଳ୍ପ ସଂକଳନ 'ଗାଁ ପୋଖରୀର ବିଳାପ', 'ବୋଉ, 'ଆହତ ସ୍ୱର ଓ ଅନ୍ୟାନ୍ୟ ଗଳ୍ପ' ନାମକ ତିନିଗୋଟି ପୁସ୍ତକ, ମନୋଜ ଦାସଙ୍କ ବହୁଚର୍ଚ୍ଚିତ କେତୋଟି ଗଳ୍ପର ନିଷ୍ପକ୍ଷ ଅନ୍ତରଙ୍ଗ ଆଲୋଚନା ଇଂରାଜୀରେ ଯାହା ଅଧ୍ୟାପକ ଗାନ୍ଧୀ ମହାଶୟ କରିଛନ୍ତି ତାହା ମନୋଜ କଥା ସାହିତ୍ୟର ବୈଭବକୁ ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ପାଠକଙ୍କ ପାଇଁ ଖୁବ୍ ଆନନ୍ଦଦାୟକ ବୋଲି ଆଲୋଚକ ମତବ୍ୟକ୍ତ କରିଥିଲେ। ଲେଖକ ଅଧ୍ୟାପକ କିଶୋର ଗାନ୍ଧୀ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲା ବେଳେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାତା କାଳୀପଦ ପଣ୍ଡା ପ୍ରାକ୍‌କଥନ ସହ ଅନ୍ତିମ କଥା ରଖିଥିଲେ । ଆଡଭୋକେଟ୍ ବିଜୟ ପାଣିଗ୍ରାହୀ, ବସନ୍ତ ଦାସ ଏବଂ ମଞ୍ଜୁଲତା ବଳ ସଂଗୀତ ପରିବେଷଣ କରିଥିଲେ।

କୋରାଇ ଉନ୍ନୟନ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ

କୋରେଇ, ୨୦/୧୧ (ନି.ପ୍ର): ପାଣିକୋଇଲିସ୍ଥିତ ବରିଷ୍ଠ ନାଗରିକ ମଂଚ କାର୍ଯ୍ୟାଳୟ ଠାରେ କୋରାଇ ଉନ୍ନୟନ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ, ବୃକ୍ଷରୋପଣ,ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ଚକ୍ଷୁ ପରୀକ୍ଷା ଶିବିର, ଯୋଗ ଶିବିର ଆଦି ସାମାଜିକ କାର୍ଯ୍ୟକ୍ରମ ନିୟମିତ ଭାବେ କରିବା ସହିତ କୋରାଇ ବ୍ଲକର ୨୮ଟି ପଂଚାୟତର ବିଭିନ୍ନ ଦାବି ନେଇ ସଂଗ୍ରାମ ଜାରି ରଖିଛି ଉନ୍ନୟନ ପରିଷଦ । ପରିଷଦର ସଭାପତି ଶ୍ରୀଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ ଅତିଥି ଭାବେ ଯୋଗ ଦେଇ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥି ସହିତ ବରିଷ୍ଠ ନାଗରିକ ମଂଚ ତରଫରୁ ଆର୍ଥୀକ ଦୁର୍ବଳ ଶ୍ରେଣୀର ୯ମ ଓ ୧୦ମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ମଂଚ ତରଫରୁ ମାଗଣା କୋଚିଂ ଲାଗି ମଂଚ ତରଫରୁ ନେଇଥିବା ପଦକ୍ଷେପକୁ ପରିଷଦର ସମସ୍ତ ସଦସ୍ୟ ପ୍ରଶଂସା କରିଥିଲେ। ସମ୍ପାଦକ ଆଲୋକ ଦାସ ପରିଷଦର ବିଭିନ୍ନ ଉନ୍ନତି ମୁଳକ କାର୍ଯ୍ୟକ୍ରମ ବାବଦରେ ସୁଚନା ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥି ସହିତ ପରିଷଦର ସଦସ୍ୟ ମାନେ ତରଫରୁ ବିଭିନ୍ନ ଦାବି ଗୁଡ଼ିକୁ ଉପସ୍ଥାପନା କରିବା ସହିତ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନେବାକୁ ପରିଷଦକୁ ଅନୁରୋଧ କରିଥିଲେ। ଉକ୍ତ ଦାବି ଗୁଡ଼ିକ ମଧ୍ୟରେ ବୈତରଣୀ ରୋଡ଼ ଠାରେ ଫ୍ଲାଇ ଓଭର ବ୍ରିଜର ନିର୍ମାଣ, ରଣପୁର ପଂଚାୟତରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥାପନ,ପାଣିକୋଇଲି ପରି ସମସ୍ତ ପଂଚାୟତରେ ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା, ପାଣିକୋଇଲି ଠାରେ ଏକ ଅଗ୍ନିଶମ କେନ୍ଦ୍ରର ସ୍ଥାପନ, ପ୍ରତି ପଂଚାୟତରେ ଶୀତଳ ଭଣ୍ଡାରର ସ୍ଥାପନ, ମାସକୁ ୨୦୦ ୟୁନିଟ ବିଜୁଳି ସହିତ ଚାଷ ନିମନ୍ତେ ସଂପୂର୍ଣ୍ଣ ମାଗଣା ବିଦ୍ୟୁତ ଯୋଗାଣ, ପ୍ରତି ପଂଚାୟତରେ ଏକ ସାପ୍ତାହିକ ହାଟ ସ୍ଥାପନ, ପାଣିକୋଇଲି ଠାରେ ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ୨୦ ନମ୍ବର ଜାତୀୟ ରାଜପଥ ଉପରେ ଏକ ଫ୍ଲାଇ ଓଭର ବ୍ରିଜର ନିର୍ମାଣ ତଥା ଜିଲ୍ଲାକୁ ସମ୍ପୁର୍ଣ ମଦ ମୁକ୍ତ କରିବା ଓ ପରିଷଦ ତରଫରୁ ଆଗାମୀ ଦିନରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସମ୍ପାଦକ ଶ୍ରୀ ଦାସ ସୁଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଉପଦେଷ୍ଟା ମଦନ ମୋହନ କର, କୈଳାସ ଚନ୍ଦ୍ର ସାମଲ, ଭାଗିରଥି ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ଦାସ, ନକୁଳ ସାମନ୍ତରାୟ, ଅଦୈତ କୁମାର ସାହୁ, ବସନ୍ତ କୁମାର କର ,ରବିନାରାୟଣ ଦାସ, ଗଣେଶ ପ୍ରସାଦ ମଲ୍ଲିକ, ତାରିଣୀ କୁମାର ପଟ୍ଟନାୟକ, କାଳନ୍ଦୀ କଣ୍ଡ, ଅମୀୟ କୁମାର ସାହୁ, ବୃନ୍ଦାବନ ମହାକୁଡ଼, ସୁଧାଂଶୁ ଶେଖର ସାହୁ ଓ ବରିଷ୍ଠ ନାଗରିକ ମଂଚର ସତ୍ୟ ରଂଜନ ସ୍ୱାଇଁ, ଗୋକୁଳାନନ୍ଦ ମହାପାତ୍ର, ସେକ ଇସ୍ରାଏଲ, ଗୋପନ କିଶୋର ଜେନା, ସଂଜୟ କୁମାର ନାୟକ, ଅକ୍ଷୟ ବାରିକ ଓ ସତ୍ୟ ରଂଜନ ସ୍ୱାଇଁ ଯୋଗ ଦେଇଥିଲେ। ପରିଷଦର ଉପସଭାପତି ଅମୁଲ୍ୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ୧୦୬ ତମ ଜୟନ୍ତୀ ଦିବସ ପାଳିତ

ଭୁବନେଶ୍ୱର , ୨୦/୧୧ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୬ ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଓ ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରେ ଜାତୀୟ ସଂହତି ସମାରୋହ ସମିତିର ଅଧକ୍ଷ ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ସ୍ମୃତି ସମିତିର ସାଧାରଣ ସଂପାଦକ ଅମିୟ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଏହି ସମାରୋହରେ ପୂର୍ବତନ ଲୋକସଭା ସଦସ୍ୟ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜର ପ୍ରତିଭା, ଦକ୍ଷତା ଓ ଦୃଢ଼ ମନୋବଳ ପାଇଁ ବିଶ୍ୱସ୍ତରରେ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନେତ୍ରୀ ଭାବେ ସୁପରିଚିତ ଥିଲେ। ଦେଶର ହିତ ଦୃଷ୍ଟିରୁ ସମାଜବାଦ ପ୍ରତିଷ୍ଠା କରିବା, ଗରୀବ ହଟାଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପରି କେତୋଟି ଦୃଢ଼ ନିଷ୍ପତ୍ତି ଯୋଗୁ ସେ ଭାରତବାସୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଦେଶର ଅଖଣ୍ଡତା, ରାଷ୍ଟ୍ରୀୟ ସୁରକ୍ଷା ଓ ସଂହତି ପ୍ରତିଷ୍ଠା କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଶିକ୍ଷାମନ୍ତ୍ରୀ ଜୟଦେବ ଜେନା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ବିଶିଷ୍ଟ ଆଇନଜୀବୀ ଶିବାନନ୍ଦ ରାୟ, ସଂସ୍କୃତିବିତ୍ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ ପ୍ରମୁଖ ଇନ୍ଦିରାଜୀଙ୍କ ଆତ୍ମ ବଳିଦାନ ସଦା ଝୁରୁଅଛି ଆମ ହିନ୍ଦୁସ୍ଥାନ ବୋଲି କହିଥିଲେ। ଇତ୍ୟବସରରେ ପ୍ରତ୍ୟୁଷରୁ ରାମଧୂନ୍, ସଂକୀର୍ତ୍ତନ, ଭଜନ, ଇନ୍ଦିରାଜୀଙ୍କ ଉପରେ ଆଧାରିତ ପାଲା ପରିବେଷଣ, ସର୍ବଧର୍ମ ପ୍ରାର୍ଥନା ଓ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦ୍ୱାରା ଜାତୀୟ ସଂହତି ଶପଥ ପାଠ କରାଯାଇଥିଲା।

ଅନ୍ତରୀକ୍ଷର ପାର୍ବଣ ଉତ୍ସବ

କଟକ, ୨୦/୧୧ (ନି.ପ୍ର): ରବିବାର ଦିନ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ସାହିତ୍ୟ ପତ୍ରିକା ଅନ୍ତରୀକ୍ଷର ପାର୍ବଣ ସଂଖ୍ୟା ଓ ଗାଳ୍ପିକ ଆନନ୍ଦ କୁମାର ମାଇତିଙ୍କ ଦ୍ୱିତୀୟ ଗଳ୍ପ ସଂକଳନ ଦାମ୍ପତ୍ୟ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ସଭା ଗୃହରେ ଉନ୍ମୋଚନ ଉତ୍ସବ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ସଭାପତି ଆନନ୍ଦ କୁମାର ମାଇତି ମ୍ୟାନେଜିଂ ଟ୍ରଷ୍ଟି ଓ ଅନ୍ତରୀକ୍ଷ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତିଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ପ୍ରାକ୍ତନ ସରକାରୀ ଯନ୍ତ୍ରୀ ବିଶିଷ୍ଟ ନାଟ୍ୟକାର ବସୁଦେବ ସାମଲଙ୍କ ପୌରହିତ୍ୟରେ କଣାସ ଅଧକ୍ଷ ସ୍ୱନାମଧନ୍ୟ ଖ୍ୟାତନାମା ଔପନ୍ୟାସିକ ଗାଳ୍ପିକ ସୁନୀଲ ମିଶ୍ର ମୈତ୍ରେୟ ମୁଖ୍ୟ ଅତିଥି , ପ୍ରାକ୍ତନ ଉପୁନା ନିର୍ଦ୍ଦେଶକ ମୀନକେତନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେବା ସହିତ ,ବରେଣ୍ୟ ଅତିଥି ଶିକ୍ଷାବିତ୍ ଶଶଧର ପଣ୍ଡା , ପ୍ରାକ୍ତନ ଜଳ ନିଗମ ନିର୍ଦ୍ଦେଶକ ଗଙ୍ଗାଧର ବେହେରା, ପ୍ରାବନ୍ଧିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ମଞ୍ଚ ମଣ୍ଡନ କରିବା ସହିତ ସାହିତ୍ୟ , ସଂସ୍କୃତି ବିଷୟରେ ବହୁ ଉପାଦେୟ ତଥ୍ୟ ନିଜ ନିଜ ବକ୍ତବ୍ୟରେ ରଖିଥିଲେ । ସଭା ସଂଯୋଜନା କରିଥିଲେ ଆକାଶ ବାଣୀ କଟକ କେନ୍ଦ୍ରର ବରିଷ୍ଠ ଉଦ୍ଘୋଷକ ଚିତ୍ତ ରଂଜନ ମହାନ୍ତି , ଅଧାପିକା, କବି ସ୍ନିଗ୍ଧା ନାୟକ ସଭାର ସମସ୍ତ ଗୁରୁ ଦାୟୀତ୍ୱ ନିର୍ବାହ କରିବା ସହିତ ଜଗତସିଂହପୁର ମାଟିର ଗର୍ବ ଓ ଗୌରବ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଭା ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କୁ ଅନ୍ତରୀକ୍ଷ ତରଫରୁ ସମ୍ବରଧିତ କରାଯିବା ସହିତ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା ଏହି କବିତା ଆସରରେ ବିଶିଷ୍ଟ କବି ଚିନ୍ତାମଣି ମହାଳିକ କବିତା ସଂଯୋଜନା କରିଥିଲେ ଓ ଡକ୍ଟର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସାହିତ୍ୟ , ସଂସ୍କୃତିରେ ନିଜର ପ୍ରତିଭା ବିକାଶ କରିଥିବା ପ୍ରତିଭା ଧାରି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭ ଓ ମଧ୍ୟାର୍ଦ୍ଧରେ କୁନି ନୃତ୍ୟାଙ୍ଗନା ଅର୍ପିତା ଜେନା ଓ ରୋଜାଲିନ ମଲ୍ଲିକ ନୃତ୍ୟ ପରିବେଷଣ କରିଥିଲେ। ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଜୟପୁର, ୨୦/୧୧ (ନି.ପ୍ର): ରାଜ୍ୟ ସ୍ତରୀୟ ପରବ ଉପଲକ୍ଷେ ଜିଲା ସ୍ତରୀୟ କ୍ରୀଡା ମହୋତ୍ସବ ଜୟପୁର ଦଶହରା ପଡିଆ ଠାରେ ଉଦଘାଟିତ ହୋଇଛି । ଜିଲା ସ୍ତରୀୟ କ୍ରୀଡା ମହୋତ୍ସବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି । ଏହି ମହୋତ୍ସବରେ ଜିଲାର ୧୪ଟି ବ୍ଲକ, ପୌରାଚଂଳ ଓ ଏନଏସିର ୧୮ଟି ଟିମ ଭାଗ ନେଇଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପାଡାଲ, ଏସଡିସି ଅଧକ୍ଷ ଚନ୍ଦ୍ରଶେଖର ମାଝୀ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଜିଲା କ୍ରିଡା ଅଧିକାରି ଜ୍ଞାନଜିତ ତ୍ରିପାଠୀ, ଜୟପୁର ଏବିଡିଓ ମନୋଜ କୁମାର ନାୟକ ଉପସ୍ଥିତ ଥିଲେ । ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ କ୍ରିଡା ପତକାକୁ ଉତୋଳନ କରାଯାଇ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏଠାରେ ଫୁଟବଲ, ଭଲିବଲ, କବାଡି, ଦୌଡ, ବେଡମିଂଟନ ପ୍ରତିଯୋଗିତା ହେବ । ଦୁଇ ଦିନ ଧରି ଏଠାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ପ୍ରେମରେ ପ୍ରତାରଣା: ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ

ସମ୍ବଲପୁର, ୨୦/୧୧ (ନି.ପ୍ର): ନାବାଳିକାରୁ ସାବାଳିକା ହେବା ସୂଚନା ପାଇ ଜନୈକା ଯୁବତୀକୁ ନିଜ ପ୍ରେମ ଜାଲରେ ଫସାଇ ଦୀର୍ଘ ତିନିବର୍ଷ ଧରି ସଂଭୋଗ କରିବା ପରେ ଶେଷରେ ଗର୍ଭପାତ କରାଇ ବସଷ୍ଟାଣ୍ଡରେ ଛାଡ଼ିଦେବା ଘଟଣା ସମଗ୍ର ଜମନକିରା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ପୀଡିତା ଯୁବତୀ ଜଣଙ୍କ ପ୍ରେମିକର ଏଭଳି ଲମ୍ପଟତାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ଶେଷରେ ସ୍ଥିରଚିତ ଅବସ୍ଥାରେ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ କାମୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ ଜମନକିରା ଥାନା ଅନ୍ତର୍ଗତ ସରଡ଼ା ଗ୍ରାମର ୨୧ ବର୍ଷିୟା ପୀଡିତା ଯୁବତୀକୁ ଗତ ତିନିବର୍ଷ ପୂର୍ବରୁ ଜମନକିରା ବ୍ଲକ୍ ଗୁଣ୍ଡୁରୁଟୁଆଁ ଗ୍ରାମର ଜୟପ୍ରକାଶ କିଷାନ ବିବାହର ପ୍ରଲୋଭନ ଦେଖାଇ ନିଜ ପ୍ରେମ ଜାଲରେ ଫସାଇ ଥିଲା। ସମୟ ସୁଯୋଗ ଦେଖି ଶାରିରୀକ ସମ୍ପର୍କ ପାଇଁ ଯୁବତୀକୁ ବହୁବାର କହି ହତାଶ ହେବା ପରେ ରାଣ ନିୟମ ପକାଇ ଶେଷରେ ବିବାହର ପ୍ରତିଶ୍ରୁତି ଦେଇ ସମ୍ଭୋଗରେ ସଫଳତା ହୋଇଥିଲା । ପରବର୍ତୀ ସମୟରେ ନିୟମିତ ବ୍ୟବଧାନରେ ଯୁବତୀ ସହ ସମ୍ଭୋଗ କରିବାରୁ କିଛି ମାସର ବ୍ୟବଧାନରେ ଯୁବତୀ ଜଣକ ଗର୍ଭବତୀ ହୋଇପଡିଥିଲା । ମାତ୍ର ଏଥିରେ ବ୍ୟସ୍ତ ନହେବା ପାଇଁ ପରାମର୍ଶ ଦେଇ ପୁନର୍ବାର ଶାରିରୀକ ସମ୍ପର୍କ ରଖି ଆସୁଥିଲା । ମାତ୍ର ଗର୍ଭଧାରଣ ପରେ ସନ୍ଦେହ ଜନକ ବାନ୍ତି ଓ ପେଟ ଫୁଲିବାରୁ ପାରିବାରିକ ସନ୍ଦେହ ସମ୍ପର୍କରେ ଲମ୍ପଟ ପ୍ରେମିକ ଜୟପ୍ରକାଶକୁ କହିବାରେ ଅଭିଯୁକ୍ତ ଜଣକ ଅତି ଚଂଚକତା ପୂର୍ବକ ଯୁବତୀଙ୍କୁ ଚିକିତ୍ସା ଆଳରେ ଗର୍ଭପାତ କରାଇ ଜମନକିରା ବସଷ୍ଟାଣ୍ଡ ନିକଟରେ ଛାଡି ଫେରାର ହୋଇଯାଇଥିଲା । ଦିନେ ଦୁଇଦିନ ପ୍ରେମିକକୁ ଅପେକ୍ଷା କରି ହତାଶ ହେବା ଓ ମୋବାଇଲରେ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତା ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇ ଏବେ ନ୍ୟାୟିକ ଭିକ୍ଷା କରିଛନ୍ତି । କାମୁକ ପ୍ରେମିକ ଜଣକ ବିଭିନ୍ନ ପ୍ରତିଶ୍ରୁତି ଦେଇ ଯୁବତୀ ଜଣଙ୍କୁ ନିଜ ଘର ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଶାରିରୀକ ସମ୍ଭୋଗ କରି ଆସୁଥିବା ଓ ଶେଷରେ ପ୍ରତାରଣା କରିଥିବା ନେଇ ଅଭିଯୋଗ କରିବା ପରେ ଏବେ ତୀବ୍ର ଉତେଜନା ମଧ୍ୟ ପ୍ରକାଶ ପାଇଛି ।

ବିଲୁପ୍ତ ଅପେକ୍ଷାରେ ପୁରାତନ ଲୋକକଳା : ସମ୍ପ୍ରଦାୟକୁ ସୁଦୃଢ଼ର ପ୍ରସାରୀ କର୍ମଶାଳା

ସମ୍ବଲପୁର, ୨୦/୧୧ (ନି.ପ୍ର): ଦିନକୁ ଦିନ ଓଡିଶାର ଲୋକ ସଂସ୍କୃତିର ବାର୍ତାବହ ପାଲା, ଦାସକାଠିଆ, ସଂଚାର, ସମ୍ପ୍ରଦା ପ୍ରଭୃତିର ଆଦର ହ୍ରାସ ପାଉଥିବା ବେଳେ, ଏବେ ଏହି ପୁରାତନ ଲୋକକଳାକୁ ପୂଣ୍ଣଜୀବିତ ରଖିବାର ଆବଶ୍ୟକତା ହୋଇପଡିଛି । ପୁରାତନ ପାରମ୍ପାରିକ ଲୋକ କଳା ଗୁଡିକୁ ଲୋକାଦୃତ କରିବା ସହ, କିପରି ଏହାର କଳାକାର ମାନେ ସୃଷ୍ଟି ହେବେ ସେଥିପାଇଁ ସଂସ୍କୃତି ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ଆଜି ମାନେଶ୍ୱର ବ୍ଲକ ଅନ୍ତର୍ଗତ ଚକୁଳି ଗ୍ରାମରେ ଆୟୋଜିତ ଏକ ସାଂସ୍କୃତିକ କର୍ମଶାଳାରେ ମତପ୍ରକାଶ ପାଇଛି। ପାରାମ୍ପାରିକ ଲୋକକଳା ''ସମ୍ପ୍ରଦା'' ଏକ ବହୁ ପୁରାତନ ଲୋକକଳା, ଯାହାକି ଧୀରେ ଧୀରେ କମିବାରେ ଲାଗିଛି । ଚକୁଳି ଗ୍ରାମର ''ମାଁ ସମଲେଶ୍ୱରୀ ସମ୍ପ୍ରଦା ପାର୍ଟି'' ଆଜିକୁ ପ୍ରାୟ ୬୦ ବର୍ଷ ହେଲା ଏହି ଲୋକକଳାକୁ ପ୍ରଦର୍ଶନ କରିଆସୁଛନ୍ତି । ''ସମ୍ପ୍ରଦା'' କୁ ବଂଚାଇବା ସହ କିପରି ଭାବରେ ଆହୁରି ଲୋକାଦୃତ ହୋଇପାରିବ, ସେ ସମ୍ପର୍କରେ ଆଜିର ଆହୁତ କର୍ମଶାଳାରେ ସାହସପୁର ଗ୍ରାମ ପଂଚାୟତର ସରପଂଚ ଦିବାକର ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବହୁ ସାରଗର୍ଭକ ବ୍ୟକ୍ତବ୍ୟ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାନେଶ୍ୱର ବ୍ଲକ କଳା ସଂସ୍କୃତି ସଙ୍ଘର ସଭାପତି କମଳ ଲୋଚନ ପଣ୍ଡା, ଉପସଭାପତି ରଞ୍ଜିତ ସାହୁ, ଅଭିନେତା, ନିର୍ଦ୍ଦେଶକ ସୂର୍ଯ୍ୟ ପାଣିଗ୍ରାହୀ, କବି, କଳାକାର ଲଳିତ ମୋହନ ବେବର୍ତା, ସାଂସ୍କୃତିକ ସଂଗଠକ ରାହୁଲ ଗୁପ୍ତା ଓ ଦେବାଶିଷ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସଂଚାର, ସମ୍ପ୍ରଦା ପରି ପାରମ୍ପାରିକ ଲୋକକଳା ସମ୍ପନ୍ନ ଏହି ଚକୁଳି ଗ୍ରାମକୁ ସଂସ୍କୃତି ଗ୍ରାମ ଭାବରେ ପ୍ରଶାସନ ଗ୍ରହଣ କରିବା ସହ ଏହି ଲୋକ କଳାକୁ ବଂଚାଇବା ସହ ଆଗକୁ କିପରି ସରକାରୀ ସ୍ତରରେ ପ୍ରୋତ୍ସାହିତ କରାଯାଇପାରିବ ସେଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବକ୍ତା ମାନେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସମ୍ପ୍ରଦା ଯାନିଯାତ୍ରା ଓ ଶୋଭାଯାତ୍ରା ଯେପରି ଭାବେ ସୀମିତ ରହିଯାଉଛି, ତାକୁ କିପରି ମଂଚ ନୃତ୍ୟ ଭାବରେ ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ମହଲ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜିଲ୍ଲା ବୋଇତବନ୍ଦାଣ ସମିତିର ଜିଲ୍ଲାସ୍ତରୀୟ ପ୍ରତିଯୋଗୀ ସମାବେଶ

କେନ୍ଦ୍ରାପଡ଼ା, ୨୦/୧୧ (ନି.ପ୍ର): ରାଜ୍ୟର ପୁରାତନ ସାସ୍କୃତିକ ଅନୁଷ୍ଠାନ ଜିଲ୍ଲା ବୋଇତ ବନ୍ଦାଣ ସମିତି କେନ୍ଦ୍ରାପଡାର ୫୫ତମ ବୋଇତ ବନ୍ଦାଣ ଉତ୍ସବର ଅବ୍ୟବହିତ ପୂର୍ବରୁ ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀ ସମାବେଶ ଅନୁଷ୍ଠିତ ହୋଇଥିଲା। ସମିତିର ସ୍ଥାୟୀ ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ଝୋଟି(ମୁରୁଜ), ମେହେନ୍ଦୀ ପ୍ରଭୃତି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବରେ ଡଃ. ହିମାଂଶୁ ପରିଡା, ଶ୍ରୀନିବାସ ମହାନ୍ତି, ଜୟଶ୍ରୀ ପତି, ସୁପ୍ରିତି ମଲ୍ଲିକ, ରୋଜାଲିନ ବେହୁରା, ସାମ୍ବାଦିକ ଚି ରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ନାୟକ, ବୈଷ୍ଣବ ଚରଣ ପ୍ରଧାନ, ଶରତ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇଥିଲେ। ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, ପ୍ରଫୁଲ୍ଲ ଦାସ, ରବିନାରାୟଣ ମହାନ୍ତି, ଉମାଶଙ୍କର ଜେନା, ସରୋଜ ସାହୁ, ଅମ୍ରିନ ସାହାଦତ, ରାଜେନ୍ଦ୍ର ମହାପାତ୍ର, ଗୋଲେଖ ପଢିଆରୀ, ପ୍ରଭାତୀ ଧଳ, ମୀନତୀ ପ୍ରଭା ସ୍ୱାଇଁ, କମଳାକାନ୍ତ ବେହେରା, ଶ୍ରୀଧର ମହାନ୍ତି, କୃପାସିନ୍ଧୁ ମଲ୍ଲିକ, ବିଭୁଦ ମଲ୍ଲିକ, ଦିପ୍ତୀରେଖା ସ୍ୱାଇଁ, ସୁଶ୍ରୀ ଜୟଶ୍ରୀ ବେହେରା ପ୍ରମୁଖ ସଦସ୍ୟ/ ସଦସ୍ୟାମାନେ ଏହି କାର୍ଯ୍ୟକ୍ର

ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିର

କେରଳର ତିରୁଅନନ୍ତପୁରମ୍‌ରେ ରହିଛି ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିର । ଏହି ମନ୍ଦିର ସମ୍ପତ୍ତିକୁ ନେଇ ଦେଶ ସାରା ଚର୍ଚ୍ଚା । ଦେଶର ସର୍ବାଧିକ ଧନୀ ମନ୍ଦିର ମଧ୍ୟରେ ଏହା ଅନ୍ୟତମ । ଏହି ମନ୍ଦିରକୁ ନେଇଥିବା କିଛି ରୋଚକ ତଥ୍ୟ ସମ୍ପର୍କରେ ଆସନ୍ତୁ ଜାଣିବା ।

– ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିର ଦୁଇହଜାର ବର୍ଷର ପୁରୁଣା ବୋଲି ଐତିହାସିକମାନେ ମତ ଦିଅନ୍ତି । ଐତିହାସିକ ଏଳ.କେ.ରବିବର୍ମାଙ୍କ କହିବାନୁଯାୟୀ କଳିଯୁଗ ଆରମ୍ଭରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । କଳିଯୁଗ ଆରମ୍ଭର ୯୬୪ଦିନ ପରେ ଏହି ମନ୍ଦିରରେ ବିଷ୍ଣୁଙ୍କ ପ୍ରତିମା ପ୍ରତିଷ୍ଠା କରାଯାଇଥିବା ରବି ବର୍ମା କହନ୍ତି ।

– ୩୧ ଜୁଲାଇ ୨୦୧୧ରେ ତିରୁବନ୍ତପୁରମ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଶ୍ରୀ ପଦ୍ମନାଭ ସ୍ୱାମୀ ମନ୍ଦିରର ଦ୍ୱାର ଖୋଲାଯାଇ ସେଠାରେ ଥିବା ଖଜଣାକୁ ଉଦ୍ଧାର କରାଯାଉ । କେନ୍ଦ୍ର ସରକାର ଏହି ଖଜଣାକୁ ନିଜ ମାଲିକାନାକୁ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

– ଭାରତୀୟ ଗୁଇନ୍ଦା ସଂସ୍ଥାର ପୂର୍ବତନ ଅଧିକାରୀ ତଥା ଏହି ମନ୍ଦିରର ଭକ୍ତ ଟି.ପି. ସୁନ୍ଦରରାଓ ମନ୍ଦିରରେ ରାଜପରିବାରର ଅଧିକାରକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ ।

– ଏହି ମନ୍ଦିର ତ୍ରିଭାଙ୍କୋର ବଂଶର ରାଜା ମହାରାଜ ଉତ୍ତୋରଉମ ମାର୍ତଡ଼ ବର୍ମାଙ୍କ ଅଧିନରେ ଥିଲା । ତେବେ ମନ୍ଦିରରେ ଥିବା ସମ୍ପତିର ସେ ମାଲିକ ନଥିଲେ । ତାଙ୍କ ବାସଗୃହକୁ ରାଜମହଲ ତ କୁହାଯାଏ, କିନ୍ତୁ ଏହା କୌଣସି ମହଲ ବା ରାଜପ୍ରସାଦ ନଥିଲା । ବରଂ ସାଧାରଣ ଘର ଥିଲା । ରାଜା ଜୀବନସାରା ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ ।

– ୨୦୧୩ରେ ରାଜା ଉତ୍ତୋରତମ ମାର୍ତଡ଼ ବର୍ମାଙ୍କ ଦେହାନ୍ତ ହୋଇଥିଲା । ରାଜା କିମ୍ବା ତାଙ୍କ ଭବିଷ୍ୟତ ବଂଶଧର ମନ୍ଦିରର ସମ୍ପତ୍ତି ଉପରେ କୌଣସି ଅଧିକାର ଦାବି କରି ନଥିଲେ ।

– ହାଇକୋର୍ଟଙ୍କ ଆଦେଶ ପରେ ଖଜଣା ରହୁଥିବା ମନ୍ଦିରର ପ୍ରଥମ ଦ୍ୱାର ଖୋଲା ଯାଇଥିଲା । ଘର ଭିତର ପୂରା ଅନ୍ଧାର, ଧୂଳି ଓ ଉତ୍କଟ ଗନ୍ଧ ଆସୁଥିଲା । ପ୍ରଥମେ ଅମ୍ଳଜାନ ଗ୍ୟାସ ଛଡ଼ା ଯାଇ ଭଣ୍ଡାରକୁ ଗନ୍ଧ ମୁକ୍ତ କରାଯାଇଥିଲା । ପରେ ଆଲୋକ ଜଳାଇବା ବ୍ୟବସ୍ଥା ହୋଇଥିଲା ।

–୧୫୦ ବର୍ଷ ପୂର୍ବରୁ ଏହି ମନ୍ଦିରକୁ ପ୍ରଥମେ ଖୋଲା ଯାଇଥିଲା । କିଛି ଆବଶ୍ୟକ ଜିନିଷ କାଢ଼ି ମାତ୍ର କେଇ ମିନିଟ ପରେ ବନ୍ଦ କରି ଦିଆଯାଇଥିଲା । ଏବେ ଖୋଲିବା ପରେ ଯାହା ଦେଖିବାକୁ ମିଳିଲା ତାହା ସମସ୍ତଙ୍କୁ ହତବାକ୍ କରିଥିଲା । ଭଣ୍ଡାର ଭିତର ପୂରା ସୁନା ଅଳଙ୍କାର ଓ ଶାଢ଼ିରେ ଭରି ରହିଥିଲା । ୭ ଫୁଟ ଲମ୍ବର ସୁନା ହାର ମଧ୍ୟ ଥିଲା । ଏକାଧିକ ବସ୍ତାରେ ହୀରା ଭର୍ତ୍ତି କରାଯାଇ ରଖାଯାଇଥିଲା । ସୁନାର ବାସଭବନ, ହୀରା ଖଚିତ ବସ୍ତ୍ର, ମୁକୁଟ ଓ ବିଭିନ୍ନ ଠାକୁରଙ୍କ ବଡ଼ବଡ଼ ମୂର୍ତ୍ତି ଥିଲା ।

– ଏହି ସବୁ ଅଳଙ୍କାର ଓଜନ ହେବାପରେ ପ୍ରାୟ ୧ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ହୋଇଥିଲା । ଏହି ଅଳଙ୍କାରଗୁଡ଼ିକ କାଗଜପତ୍ରରେ ଲେଖିବା ଓ ଓଜନ କରି ମୂଲ୍ୟାଙ୍କନ କରିବା କାଠିକର ପାଠଥିଲା । ତଥାପି କିଛି ସ୍ୱର୍ଣ୍ଣ ଅଳଙ୍କାର ଓଜନ କରାଯାଇଥିଲା । ମପା ଯାଇଥିବା ଅଳଙ୍କାରଗୁଡ଼ିକ ବର୍ତ୍ତମାନ ଦାମ ପ୍ରାୟ ଏକ ଲକ୍ଷ ୨୦ହଜାର କୋଟି ଟଙ୍କା ଆକଳନ କରାଯାଇଥିଲା । ଏହା କେବଳ ସୁନାର ମୂଲ୍ୟ ଥିଲା, ତିଆରି ମୂଲ୍ୟ ଗଣନା କରାଯାଇ ନଥିଲା । ଏହା ଥିଲା ଗୋଟିଏ ଭଣ୍ଡାରର କଥା, ଆହୁରି ୫ଟି ଭଣ୍ଡାର ଖୋଲା ନହୋଇ ପଡ଼ିରହିଛି ।

– ଐତିହାସିକ ତଥ୍ୟ ଅନୁଯାୟୀ ଦକ୍ଷିଣ ଭାରତରେ ବହୁ ବର୍ଷ ପୂର୍ବେ ଚୋରା, ତାଣ୍ଡ୍ୟାଓ ତେରା ନାମକ ରାଜବଂଶ ଶାସନ କରୁଥିଲେ । ଯଦି ତିନି ରାଜା ପରସ୍ପର ଚୁକ୍ତିରେ ବନ୍ଧନ ଥିଲେ । ଠାକୁର ମାର୍ତ୍ତଣ୍ଡ ବର୍ମା ନାମକ ଜଣେ ରାଜା ୧୭୧୯ରେ ଚୋରା, ତାଣ୍ଡ୍ୟା ଓ ତେରା ରାଜ୍ୟର ରାଜାଙ୍କୁ ପରାସ୍ତ କରି ତ୍ରିଭାଙ୍କୋର ନାମକ ଏକ ବିଶାଳ ରାଜ୍ୟ ପ୍ରତିଷ୍ଠା କରିଥିଲେ ।

– ଠାକୁର ମାର୍ତ୍ତଣ୍ଡ ବର୍ମା ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲେ । ବିଭିନ୍ନ ରାଜ୍ୟ ଜୟ କରି ଯେଉଁ ସମ୍ପତ୍ତି ଆଣୁଥିଲେ ତାକୁ କୁଳ ଦେବତା ପଦ୍ମନାଭଙ୍କ ନିକଟରେ ଅର୍ପଣ କରୁଥିଲେ । ପରେ ସେ ରାଜାନୁହେଁ ବରଂ ନିଜକୁ ଭଗବାନ ପଦ୍ମନାଭଙ୍କ ଦାସ ଭାବେ ଘୋଷଣା କରିଥିଲେ । ତାଙ୍କର ଆଗାମୀ ବଂଶଧର ତ୍ରିଭାଙ୍କୋର ରାଜ୍ୟର ସୁରକ୍ଷା ତଥା ପଦ୍ମନାଭଙ୍କ ଦାସ ରୂପେ କାର୍ଯ୍ୟ କରିବାକୁ କହିଯାଇଥିଲେ ।

– ଠାକୁର ମାର୍ତ୍ତଣ୍ଡ ବର୍ମାଙ୍କ ଠାରୁ ଏପର୍ଯ୍ୟନ୍ତ ୧୩ ଜଣ ରାଜା ଏହାକୁ ପାଳନ କରି ଆସୁଛନ୍ତି । ଯେଉଁରାଜା ନିଜ ସମୟରେ ଯାହା ପାଉଥିଲେ ଏହି ମନ୍ଦିରର ଭଣ୍ଡାର ଘରେ ରଖି ଦେଉଥିଲେ ରାଜ୍ୟ ଜୟକରି ହେଉ ବା ପଡ଼ୋଶୀ ରାଜାଙ୍କଠାରୁ ଉପହାର ସ୍ୱରୂପ ହେଉ ଯାହା ପାଉଥିଲେ ନିଜର ସମ୍ପତ୍ତି ଭାବେ ନରଖି ମନ୍ଦିରର ଭଣ୍ଡାର ଘରେ ରଖି ଆସୁଥିଲେ । । ଏହି ସମ୍ପତ୍ତି ଧୀରେ ଧୀରେ ବଢ଼ି ଆଜି ଏପରି ବିଶାଳ ସ୍ଥିତିରେ ପହଞ୍ଚିଛି ।

– ଏହି ସମ୍ପତ୍ତି ଜଣା ପଡ଼ିବା ପରେ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ମତ ଦେଇଥିଲେ । କିଏ କହିଥିଲେ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବାକୁ, ଆଉ କେତେକ କହିଲେ କେନ୍ଦ୍ର ସରକାରଙ୍କୁ ଦେଇଦେବାକୁ । ତେବେ ଆଇନ ଅନୁଯାୟୀ ଏହାର ମାଲିକ କିଏ ?

–୧୮୮୮ରେ ଇଂରେଜ ସିରକାର 'ଇଣ୍ଡିଆନ ଟ୍ରେଜରୀ ଆକ୍ଟ' ଲାଗୁ କରିଥିଲେ । ଏହି ଆଇନ ଅନୁଯାୟୀ ଯଦି କୌଣସି ବ୍ୟକ୍ତି, ସଂଗଠନ ବା ଟ୍ରଷ୍ଟକୁ ହଠାତ୍ କିଛି ଅଜଣା ସମ୍ପତ୍ତି ମିଳିଯାଏ, ତେବେ ଏହାର ୫୦ ପ୍ରତିଶତ ସରକାରଙ୍କର ଆଉ ୬୦ ପ୍ରତିଶତ ଯାହାକୁ ଖଜଣା ମିଳିଥିଲା ସେ ହିଁ ପାଇବେ । ତେବେ ପଦ୍ମନାଭ ସ୍ୱାମୀ ମନ୍ଦିରରେ ଥିବା ଖଜଣା କାହାକୁ ଅକସ୍ମାତ ମିଳିନାହିଁ । କାହିଁ କେତେ ଦିନରୁ ଏହି ଖଜଣା ମନ୍ଦିର ଭଣ୍ଡାରରେ ସଞ୍ଚିତ ଥିଲା । ତେଣୁ ଏହି ଖଜଣାର ମାଲିକ କେନ୍ଦ୍ର ସରକାର ବା ରାଜ୍ୟ ସରକାର ହୋଇ ପାରିବେ ନାହିଁ । ଏବେ ବଞ୍ଚିଥିବା ରାଜା ମଧ୍ୟ ଏହି ସମ୍ପତ୍ତି ପାଇଁ ଦାବି କରିପାରିବେ ନାହିଁ । କାରଣ ତାଙ୍କ ପୂର୍ବ ବଂଶଜ ପଦ୍ମନାଭ ଦାସ ତଥା ସେବକ ଭାବେ ରହି ଆସିଥିଲେ । କେବେ କୌଣସି ରାଜା ଏହି ସମ୍ପତ୍ତି ନିଜର ବୋଲି ଦାବି କରି ନାହାନ୍ତି ।

– ହାଇକୋର୍ଟ ଯେତେବେଳେ ଶେଷ ରାଜା ରାମ ବର୍ମନଙ୍କୁ ସମ୍ପତ୍ତି ସମ୍ପର୍କରେ ପଚାରିଥିଲେ ଏ ସେ ମଧ୍ୟ ଏହି ସମ୍ପତ୍ତି ତାଙ୍କର ନୁହେଁ ବୋଲି କହିଥିଲେ । କୋର୍ଟ ତାଙ୍କ ସମ୍ପତ୍ତିର କାଗଜପତ୍ର ମାଗିଥିଲେ । ତେବେ କେଉଁଠି ଏହି ମନ୍ଦିର କିମ୍ବା ଭଣ୍ଡାରଘର ସମ୍ପର୍କରେ ସୂଚନା ନଥିଲା । ଭାରତର ଐତିହାସିକ ଓ ପୁରାତନ ସମ୍ପତ୍ତି ପାଇଁ 'ଆଂଟି ଟ୍ରେଜର ଆକ୍ଟ' ତିଆରି କରାଯାଇଥିଲା । ଏହି

ଆଇନ ଅନୁଯାୟୀ ଯଦି ଦେଶ ମଧ୍ୟରେ କୌଣସି ପ୍ରାଚୀନ ସମ୍ପତ୍ତି ସୂଚନା ମିଳେ ତେବେ ଭାରତ ସରକାର ଏହାର ହେପାଜତ କରିବେ । ଦେଶ ବାହାରକୁ ଯେପରି ଏହି ସମ୍ପତ୍ତି ନଯାଏ ସେଥିପାଇଁ କେନ୍ଦ୍ର ସରକାର ଏହାକୁ ସୁରକ୍ଷା ଯୋଗାଇ ଦେବେ । ତେଣୁ ଉଦ୍ଧାର କରାଯାଇଥିବା ଖଜଣାର ମାଲିକ ସ୍ୱୟଂ ଭଗବାନ ପଦ୍ମନାଭ । ଏହାକୁ ସୁରକ୍ଷା ଯୋଗାଇବା ଦାୟିତ୍ୱ କେନ୍ଦ୍ର ସରକାରଙ୍କର ବୋଲି ତିରୁବନ୍ତପୁରମ ହାଇକୋର୍ଟ ରାୟ ଦେଇଥିଲେ ।

– ଆମେରିକାସ୍ଥିତ କ୍ଲେୟର ମାଉଣ୍ଟନେ ଲିଙ୍କନ ବିଶ୍ୱବିଦ୍ୟାଳୟ ହିନ୍ଦୁ ବିଭାଗର ପ୍ରଫେସର ଦୀପକ ସିମଖାଡ଼ାଙ୍କ ଅନୁଯାୟୀ କେବଳ ଶେଷ ଭଣ୍ଡାର ଘର ଦ୍ୱାରକୁ ଛାଡ଼ି ଅନ୍ୟ ସମସ୍ତ ଦ୍ୱାରରେ ନାଗ ସାପ ଚିହ୍ନ ସହ

କବାଟରେ ଲୁହାର ବିଶାଳ ତାଲା ଝୁଲିଛି । ସମସ୍ତ କବାଟ ଲୁହା ଓ ୩ନଂ କବାଟ କାଠରେ ତିଆରି । ଶେଷ ଦୁଆରରେ ଲାଗିଥିବା କବାଟ ଲୁହାରେ ତିଆରି । ଏହାର କବାଟରେ ଅଷ୍ଟ ନାଗ ଫେଣାଚିତ୍ର ଅଛି । ଆଶ୍ଚର୍ଯ୍ୟର ବିଷୟ ଏହି ଦୁଆରରେ କୌଣସି ଚାବି ପଡ଼ିନାହିଁ । ପ୍ରାୟତଃ ଅଷ୍ଟନାଗ ବନ୍ଧନ ମନ୍ତ୍ର ଦ୍ୱାରା ଏହି ଦ୍ୱାରକୁ ବନ୍ଧନ କରାଯାଇ ଥାଇପାରେ । ଏହି ସଠିକ୍ ମନ୍ତ୍ର କ'ଣ ତାହା କେହି ଜାଣିନାହାନ୍ତି ବୋଲି ଶ୍ରୀ ସିମଖାଡ଼ା କହିଥିଲେ ।

– କିମ୍ବଦନ୍ତୀ ଅନୁଯାୟୀ, ମହାରାଜଙ୍କ ବଂଶଧରଙ୍କୁ ଦୁଆର ଖୋଲିବା ପାଇଁ ସ୍ୱପ୍ନାଦେଶ ହେଲେ ଭଣ୍ଡାର ଘର ଖୋଲା ଯାଇଥାଏ ।

– ମନ୍ଦିର ତଳୁ ଏକ ରାସ୍ତା ସମୁଦ୍ର ନିକଟକୁ ଯାଇଥିବା ଅନେକ କହନ୍ତି ।

– ସମସ୍ତେ ଜାଣନ୍ତି କେରଳ ଗୋଲାମରିଚ ପାଇଁ ପ୍ରସିଦ୍ଧ । ପୂର୍ବେ ଏଠାକାରଲୋକେ ଏହାର ବ୍ୟବସାୟ କରି ଚଳୁଥିଲେ । ସେତେବେଳେ ବ୍ୟବସାୟୀମାନେ ଏକ କିଲୋ ଗୋଲମରିଚ ବିନିମୟରେ ଏକ କିଲୋ ସୁନା ନେଉଥିଲେ । ଏଥିରୁ ଯାହା ସୁନା ମିଳୁଥିଲା ସେସବୁକୁ ପଦ୍ମନାଭ ସ୍ୱାମୀ ମନ୍ଦିରକୁ ଦାନ କରାଯାଉଥିଲା ବୋଲି କୁହାଯାଏ ।

ସୂଚନା: ଉପରୋକ୍ତ ତଥ୍ୟ ପୌରାଣିକ କିମ୍ବଦନ୍ତୀ, ବିଦ୍ୱାନଙ୍କ ଗବେଷଣା ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଉପରେ ଆଧାରିତ । କୌଣସି ବ୍ୟକ୍ତି ବା ସମାଜର ଧାର୍ମିକ ଭାବନାକୁ ଆଘାତ ଦେବା ଆମର ଉଦ୍ଦେଶ୍ୟ ନୁହେଁ । ଏହି ତଥ୍ୟ କୌଣସି ଆଇନଗତ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ ।

ମାଟିତଳ ଘର

ଅତ୍ୟଧିକ ଗରମ ଅନୁଭୂତ ହେଉଥିବା ବିଶ୍ୱର କେତେକ ଅଂଚଳରେ ଅଧିବାସୀମାନେ ଗୁମ୍ଫାରେ ବସବାସ କରୁଥିବା ଶୁଣିବାକୁ ମିଳେ । ଗୁମ୍ଫାରେ ରହିବାର ଏହି ପାରମ୍ପରିକ ପଦ୍ଧତିଟି ସେମାନଙ୍କୁ ଗରମ ଦାଉରୁ ମୁକ୍ତି ଦେଇଥାଏ । ପୁଣି କେତେକ ଅଂଚଳରେ ପାହାଡ଼ ଖୋଳି ମଧ୍ୟ ବାସଗୃହ ତିଆରି କରିଥାନ୍ତି ସେଠାକାର ଅଧିବାସୀ । ମାତ୍ର ଟ୍ୟୁନିସିଆର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ମୋଟାମୋଟା ନାମକ ଏକ କ୍ଷୁଦ୍ର ଅଂଚଳର ଅଧିବାସୀମାନେ ଗରମ ଦାଉରୁ ରକ୍ଷା ପାଇବା



ପାଇଁ ପାହାଡ଼ ନୁହେଁ,ମାଟି ଖୋଳିଥାନ୍ତି । ମାଟିତଳେ ଗାତ ଖୋଳି ଘର ତିଆରି କରିବାର ସେମାନଙ୍କ କୌଶଳ ବି ବେଶ ନିଆରା । ମାଟମାଟାର ଅଧିବାସୀମାନେ ପ୍ରଥମେ ଚଉଡ଼ା ମୁହଁର ଗଭୀର ଗାତ ଖୋଳନ୍ତି । ଏହାପରେ ଗାତର କାନ୍ଥକୁ ସମତଳ କରାଯାଏ ତା ମଧ୍ୟରେ ଆହୁରି କେତେଗୁଡ଼ିଏ ଗାତ ଖୋଳାଯାଇ ବାସପୋଯୋଗୀ କରାଯାଏ । ଏହି ଭଳି ଭାବେ ଗାତର ଚାରିପାଖରେ ଛୋଟଛୋଟ କେତେଗୁଡ଼ିଏ ଘର ତିଆରି ହୋଇଥାଏ । ଗାତ ମଝି ଅଂଶଟିକୁ ଖାଲି ଛାଡ଼ି ଦିଆଯାଏ । ମଝିରେ ମଝିରେ ଗଛ ଲଗାଇବା ଏବଂ ଚଳପ୍ରଚଳ ହେବା ପାଇଁ ଖାଲି ସ୍ଥାନ ଛାଡ଼ିଦିଆଯାଏ । ଯଦିଓ ଏହି ପଦ୍ଧତିରେ ସେଠାରେ ଆଉ ବିଶେଷ ଘର ତିଆରି ହେଉନାହିଁ । ମେଟାମୋଟି ଭଳି ଟ୍ୟୁନିସିଆର ଆଉ କେତେଗୁଡ଼ିଏ ଅଂଚଳରେ ମଧ୍ୟ ଏହି ସମାନ ଉପାୟରେ ଘର ତିଆରି ହୋଇଛି । ଏମିତିକି ଏହି ପଦ୍ଧତିରେ ତିଆରି ହୋଇଥିବା ପ୍ରାୟ ୧୦୦୦ ବର୍ଷ ତଳର ଘର ମଧ୍ୟ ଦେଖିବାକୁ ମିଳେ ମାଟମାଟାରେ । ମାଟି ତଳର ସେହି ପ୍ରାଚୀନ ଘରଗୁଡ଼ିକ ଏବେ ପର୍ଯ୍ୟଟନସ୍ଥଳୀ ପାଲଟିଛି । ଉଲ୍ଲେଖଯୋଗ୍ୟ ଯେ ହଲିଉଡ଼ର ବହୁଚର୍ଚ୍ଚିତ ଫିଲ୍ମ 'ଷ୍ଟାର ୱାର୍ସ'ର କେତେକ ଦୃଶ୍ୟର ସୁଟିଂ ମାଟାମାଟର ଏହି ମାଟି ତଳ ଘରଗୁଡ଼କରେ ହୋଇଥିଲା ।

ଏକ ଦଶନ୍ଧି ଆଗରୁ ହୃଦ୍‌ଘାତ ଆଶଙ୍କାର ପୂର୍ବାନୁମାନ କରିପାରେ ଏଆଇ: ଅକ୍ସଫୋର୍ଡ ଅଧ୍ୟୟନ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଡାକ୍ତରୀ ଗବେଷଣା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଏଆଇ ଟେକ୍ନୋଲୋଜିଗୁଡିକ ବୃହତ୍ ଡାଟାସେଟ୍ ବିଶ୍ଳେଷଣ କରିବା, ଢାଞ୍ଚା ଚିହ୍ନଟ କରିବା ଏବଂ ପୂର୍ବାନୁମାନ କରିବା ପାଇଁ ବ୍ୟବହୃତ ହେଉଛି, ଯାହା ସ୍ୱାସ୍ଥ୍ୟସେବାର ଜଟିଳ ଏବଂ ଡାଟା ସମୃଦ୍ଧ କ୍ଷେତ୍ରରେ ବିଶେଷ ଭାବରେ ମୂଲ୍ୟବାନ ସାବ୍ୟସ୍ତ ହୋଇପାରେ । ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନରୁ ଜଣାପଡିଛି ଯେ, କୃତ୍ରିମ ବୁଦ୍ଧିମତ୍ତା ଏକ ଦଶନ୍ଧି ପୂର୍ବରୁ ଜଣେ ବ୍ୟକ୍ତିର ହୃଦ୍‌ଘାତ ଆଶଙ୍କାର ପୂର୍ବାନୁମାନ କରିପାରେ । ଏହି ବୈପ୍ଳବିକ ଜ୍ଞାନକୌଶଳ ଅସଂଖ୍ୟ ଜୀବନ ବଞ୍ଚାଇବା ଏବଂ ହୃଦ୍‌ରୋଗ ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ବହନ କରେ । ବ୍ରିଟିଶ ହାର୍ଟ ଫାଉଣ୍ଡେସନ



(ବିଏଚ୍‌ଏଫ) ଦ୍ୱାରା ଅନୁଦାନପ୍ରାପ୍ତ ଏହି ଅଧ୍ୟୟନରେ ଦର୍ଶାଯାଇଛି ଯେ, ଏଆଇ ଟେକ୍ନୋଲୋଜି ସମ୍ଭବତଃ ଛାତିରେ ଯନ୍ତ୍ରଣା ଥିବା ହଜାର ହଜାର ଲୋକଙ୍କ ଜୀବନ ବଞ୍ଚାଇପାରିବ, ଯେଉଁମାନେ ଏହି ଯନ୍ତ୍ରଣାକୁ ହୃଦ୍‌ଘାତର ବିପଦ ଭାବରେ ଚିହ୍ନଟ କରି ପାରି ନ ଥିବେ ତଥା ଉପଯୁକ୍ତ ଚିକିତ୍ସା କରାଇ ନ ଥିବେ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଚାରାଲାମ୍ବୋସ୍ ଆଣ୍ଟୋନିଆଡେସଙ୍କ ନେତୃତ୍ୱରେ କରାଯାଇଥିବା ଏହି ନୂତନ ଅଧ୍ୟୟନରେ ବ୍ରିଟେନର ୮ଟି ହସ୍ପିଟାଲରେ ନିୟମିତ କାର୍ଡିଆକ୍ ସିଟି ସ୍କାନ୍ କରୁଥିବା ୪୦,୦୦୦ରୁ ଅଧିକ ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । ଅଂଶଗ୍ରହଣକାରୀମାନଙ୍କୁ ୨.୭ ବର୍ଷ ପର୍ଯ୍ୟନ୍ତ ଅନୁସରଣ କରାଯାଇଥିଲା । ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଯଥେଷ୍ଟ କୋରୋନାରୀ ଧମନୀ ସଂକୁଚିତ ଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ସଂକୋଚନ ନ ଥିବା ରୋଗୀଙ୍କ ତୁଳନାରେ ଦୁଇଗୁଣ ଅଧିକ । ଏହି ଟିମ୍ ଏକ ନୂତନ ଏଆଇ ଟୁଲ୍ ବ୍ୟବହାର କରିଥିଲେ, ଯେଉଁଥିରେ ଫୁଲିଯାଇଥିବା ଧମନୀଗୁଡ଼ିକର ଚାରିପାଖରେ ଚର୍ବିରେ ପରିବର୍ତ୍ତନ ବିଷୟରେ ସୂଚନା ସହିତ ଧମନୀଗୁଡ଼ିକର ସଂକୋଚନ ଏବଂ ଅନ୍ୟାନ୍ୟ କ୍ଲିନିକାଲ ରିସ୍କ କାରକ ବିଷୟରେ ସୂଚନାକୁ ବ୍ୟବହାର କରାଯାଇଥିଲା । ପରୀକ୍ଷଣରୁ ଜଣାପଡିଲା ଯେ ଏହା ସ୍ୱାଧୀନ ଭାବରେ ଏବଂ ସଠିକ୍ ଭାବରେ ହୃଦ୍‌ରୋଗ ବିପଦର ପୂର୍ବାନୁମାନ କରିପାରୁଛି । ଧମନୀରେ କୌଣସି ପ୍ରତିବନ୍ଧକ ନ ଥିବା ଲୋକଙ୍କ ମଧ୍ୟରୁ ରକ୍ତନଳୀ ପ୍ରଦାହର ମାତ୍ରା ଅଧିକ ଥିବା ଲୋକଙ୍କର ହୃଦ୍‌ଘାତ ଜନିତ ମୃତ୍ୟୁ ଆଶଙ୍କା ଅଧିକ ଥାଏ ।

ଗର୍ଭାବସ୍ଥାରେ ଜ୍ୱର, ଶିଶୁର ହୃଦୟ ପ୍ରତି ବିପଦ

ଗର୍ଭାବସ୍ଥା ପୂର୍ବରୁ ୩ରୁ୮ ସପ୍ତାହ ମଧ୍ୟରେ ଯଦି ଗର୍ଭବତୀ ମହିଳା ଜ୍ୱରରେ ପୀଡ଼ିତା ହୁଅନ୍ତି, ତେବେ ଗର୍ଭସ୍ଥ ଶିଶୁର ହୃଦୟ ଓ ମୁହଁରେ ବିକୃତି ଦେଖାଯାଇପାରେ ବୋଲି ଏକ ରିସର୍ଚ୍ଚରୁ ଜଣାପଡ଼ିଛି । ପୂର୍ବରୁ ଗବେଷକମାନେ ଜାଣିଥିଲେ ଯେ, ଜ୍ୱର ହେଲେ ଶିଶୁର ସମସ୍ୟା ବୃଦ୍ଧି ପାଇଥାଏ । ତେବେ ଏହା ଭାଇରସ କାରଣରୁ ହୁଏ, ନା ଜ୍ୱରଯୋଗୁ ହୁଏ, ତାକୁ ନେଇ ଚର୍ଚ୍ଚା ଜାରି ରହିଥିଲା । ଏବେ ବୈଜ୍ଞାନିକମାନେ ଏହାର ପ୍ରମାଣ ପାଇଛନ୍ତି ଜଣାପଡ଼ିଛି ୩ରୁ ୮ ସପ୍ତାହ

ଭିତରେ ଗର୍ଭବତୀ ମହିଳାଙ୍କୁ ଜ୍ୱରହେଲେ ମାଡ଼ି ଓ ହୃଦୟର ବିକାଶ ବାଧାପ୍ରାପ୍ତ ହୋଇତାଏ । ସାଇନ୍ସ ସିଗନାଲିଂ ଜର୍ଣ୍ଣାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ପ୍ରଥମ ତିନି ମାସ ଏସିଟୋମିନୋଫେନ ଉଚିତ ମାତ୍ରାରେ ବ୍ୟବହାର କଲେ ଗର୍ଭବତୀଙ୍କୁ ଜ୍ୱର ହେବାର ଆଶଙ୍କା କମ୍ ହୋଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଧର୍ମ ଇଲାକାରେ ବାରମ୍ବାର ବିପତ୍ତି...

ଭାରତର ମୁକୁଟ ଭାବେ ବିବେଚିତ ଗିରିରାଜ ହିମାଳୟ ବିଶ୍ୱର ଅନ୍ୟତମ ଯୁବ ପର୍ବତମାଳା। ଭୂତାତ୍ତ୍ୱିକ ଦୃଷ୍ଟିରୁ ଏହାର ଗଠନ ପ୍ରକ୍ରିୟା ଏଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ। ସୁତରାଂ ପରିବେଶ ଓ ପାରିପାର୍ଶ୍ୱିକ ଦୃଷ୍ଟିରୁ ଏହା ଭଙ୍ଗୁର, ଅସ୍ଥିର ଏବଂ ଅତିଶୟ ସଂବେଦନଶୀଳ। ସେଥିପାଇଁ ଭୂସ୍ଖଳନ ଏଠାରେ ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିପାଇଁ ହିମାଳୟରେ ବାରମ୍ବାର ଛୋଟବଡ଼ ପ୍ରାକୃତିକ ବିପତ୍ତିମାନ ଘଟୁଛି। ବିଶେଷକରି ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଏହି ଭୂସ୍ଖଳନ ଜନିତ ସମସ୍ୟା ଅଧିକ। ଅଳ୍ପଦିନ ତଳେ ଏହି ଦୁଇ ରାଜ୍ୟରେ ମାଟି ଧସି ବିରାଟ ବିରାଟ ଫାଟ ସୃଷ୍ଟି ହେବା ସହିତ ଅନେକ ସହର ପ୍ରତି ବିପଦ ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନଙ୍କ କହିବା କଥା ଯେ ହିମାଳୟର ପ୍ରସ୍ତର ଓ ମୃତ୍ତିକା ସ୍ତର ଏ ଯାଏଁ ସ୍ଥିର ଅବସ୍ଥାକୁ ଆସିନାହିଁ ଏବଂ ଏହା ଚଳନଶୀଳ। ତେଣୁ ଏହି ଭୂମି ଉପରେ କୌଣସି ଭିତ୍ତିଭୂମି ନିର୍ମାଣ, ଅଧିକ ଜନବସତି ବିଶିଷ୍ଟ ସହର ବସାଇବା କିମ୍ବା ଜଳଭଣ୍ଡାର ତିଆରି କରିବା ଅତ୍ୟନ୍ତ ବିପଜ୍ଜନକ। ଏହାସତ୍ତ୍ୱେ ଆମେ ବୋଧହୁଏ ପ୍ରକୃତିର ସତର୍କ ଘଣ୍ଟି ଶୁଣିପାରୁନାହିଁ; କିମ୍ବା ଶୁଣି ମଧ୍ୟ ଏହାକୁ ଉପେକ୍ଷା କରୁଛୁ। ସୁତରାଂ ମାନବିକ କ୍ରିୟାକଳାପ ଓ ହସ୍ତକ୍ଷେପ ବୃଦ୍ଧି ଯୋଗୁଁ ଏଠାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ଘଟୁଛି। ଉତ୍ତରାଖଣ୍ଡରେ ଗତ ରବିବାର ବ୍ରହ୍ମଖାଲ-ଯମୁନୋତ୍ରୀ ଜାତୀୟ ରାଜପଥରେ ନିର୍ମାଣାଧୀନ ଏକ ସୁଡ଼ଙ୍ଗ (ଟନେଲ୍) ଭୁଶୁଡ଼ି ପଡ଼ିବା ଫଳରେ ତା'ଭିତରେ ୪୦ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ଚାରିଜଣ ଓଡ଼ିଆ ଅଛନ୍ତି। ଗୁରୁବାର ରାତି ସୁଦ୍ଧା ସେମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। କେବଳ ପାଇପ ମାଧ୍ୟମରେ ସେମାନଙ୍କ ପାଖକୁ ଅମ୍ଳଜାନ ଓ ଖାଦ୍ୟପାନୀୟ ପଠାଯାଉଛି। ଏହି ଶ୍ରମିକମାନଙ୍କର ଭବିଷ୍ୟତ କ'ଣ ହେବ ତାହା ଅନୁମାନ କରିବା କଷ୍ଟ। ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ନୂଆ ନୂଆ କୌଶଳମାନ ପ୍ରୟୋଗ କରାଯାଉଛି। ଆମର ପ୍ରାର୍ଥନା ଟନେଲ୍ ଭିତରେ ଥିବା ଏହି କର୍ମଚାରୀମାନେ ନିରାପଦରେ ଶୀଘ୍ର ଉଦ୍ଧାର ହୁଅନ୍ତୁ। ସେଠା ରାଜ୍ୟ ସରକାର ଏହି ଟନେଲ୍ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ଏକ ଛ'ଜଣିଆ ବିଶେଷଜ୍ଞ ଦଳ ଗଠନ କରିଛନ୍ତି। ଏହି କମିଟି ଟନେଲ୍‌ର ଡିଜାଇନ୍, ଏଥିରେ ବ୍ୟବହୃତ ସାମଗ୍ରୀର ମାନ, ନିର୍ମାଣ କୌଶଳ, ଭୂତାତ୍ତ୍ୱିକ ଅନୁଧ୍ୟାନର ରିପୋର୍ଟ ଭିତ୍ତିରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଦି ସମ୍ପର୍କରେ ତଦନ୍ତ କରି ନିରପେକ୍ଷ ରିପୋର୍ଟ ଦେବା ଆବଶ୍ୟକ। ହିମାଳୟ ଅଞ୍ଚଳର ଭଙ୍ଗୁରତାକୁ ଯେ କୌଣସି ନିର୍ମାଣକାର୍ଯ୍ୟ ସମୟରେ ସର୍ବାଧିକ ଗୁରୁତ୍ୱ ଦିଆଯିବା କଥା। ମନେ ହେଉଛି ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ତା' ହୋଇଥିଲେ ବାରମ୍ବାର ଏଭଳି ଘଟଣା ଘଟୁନଥା'ନ୍ତା। ଉତ୍ତରାଖଣ୍ଡ, ହିମାଳୟ ଅଥବା ଜମ୍ମୁ-କାଶ୍ମୀରରେ ଏଭଳି ଟନେଲ୍ ଭୁଶୁଡ଼ିବା ନୂଆ କଥା ନୁହେଁ। ଏହା ଧାରାବାହିକ ଭାବେ ଘଟୁଛି। ଲଦାଖରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ସବୁ ହିମାଳୟ ରାଜ୍ୟରେ ଏହା ଏକ ନିତିଦିନିଆ ଘଟଣା ପାଲଟିଛି। ଏହାକୁ ରୋକିବାକୁ ପ୍ରଥମ ଆବଶ୍ୟକତା ହେଲା ଭିତ୍ତିଭୂମି ଜୀବନଚକ୍ରର ମୌଳିକ ନୀତିନୟମ ପ୍ରତି ଯଥାଯଥ ଗୁରୁତ୍ୱ ଦେବା। ଏଥିରେ ପରିବେଶର ଭଙ୍ଗୁରତା ଓ ସମ୍ବେଦନଶୀଳତା, ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଏବଂ ଭୂତାତ୍ତ୍ୱିକ ସ୍ଥିତିକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ହେବ। କହିବା ବାହୁଲ୍ୟ ଯେ ଥାର୍ଡ ପୋଲ୍ ବା ତୃତୀୟ ମେରୁ ଅଞ୍ଚଳ, ଯାହା ତିବ୍ବତୀୟ ପ୍ଲାଟ୍ୟୁ, ହିମାଳୟ, ହିନ୍ଦୁକୁଶ, ପାମିର ଉପତ୍ୟକା ଏବଂ କେନ୍ଦ୍ର ଏସିଆର ଆଉ କେତେକ ପାର୍ବତ୍ୟାଞ୍ଚଳକୁ ନେଇ ଗଠିତ, ତାହାର ଭୂତାତ୍ତ୍ୱିକ ସ୍ଥିତି ଅତ୍ୟନ୍ତ ଖରାପ ଅବସ୍ଥାରେ ଅଛି। ଏଠାରେ ଯେକୌଣସି ଓଜନିଆ ନିର୍ମାଣ କାମକୁ ସମ୍ଭାଳିବାକୁ ଏହି ଭୂମି ପ୍ରସ୍ତୁତ ନୁହେଁ। ମଣିଷ ଯେତେବେଳେ ହିମାଳୟରେ ବସବାସ କରୁଛନ୍ତି, ସେଥିପାଇଁ ମୌଳିକ ଆବଶ୍ୟକତା ପୂରଣ ପାଇଁ ରାସ୍ତା, ପୋଲ, ଜଳଭଣ୍ଡାର, ବିଦ୍ୟୁତ କେନ୍ଦ୍ର, ଭବନ ଆଦି ନିଶ୍ଚୟ ତିଆରି କରିବାକୁ ପଡ଼ିବ। ତେବେ ଏହି ଭିତ୍ତିଭୂମି ନିର୍ମାଣ ବେଳେ ପରିବେଶକୁ ସୁରକ୍ଷିତ ରଖିବାକୁ ଯଥାସମ୍ଭବ ଉଦ୍ୟମ ହେବା ଆବଶ୍ୟକ। ଖଣିଖନନ, ଗଛକଟା, ପାହାଡ଼ ତାଡ଼ିବା ଭଳି କାମକୁ ଅତି ସାବଧାନତାର ସହିତ କରିବାକୁ ପଡ଼ିବ। ତେଣୁ ଭିତ୍ତିଭୂମି ନିର୍ମାଣ ପ୍ରକଳ୍ପ ପାଇଁ ଶକ୍ତିଶାଳୀ, ପରିବେଶ ଉପଯୋଗୀ ସୁଦୃଢ଼ ନିର୍ମାଣ ଶୈଳୀ, ଢାଞ୍ଚା ଓ ଡିଜାଇନ୍ ପ୍ରସ୍ତୁତିର ଆବଶ୍ୟକତା ରହୁଛି। ବିଶେଷଜ୍ଞମାନଙ୍କ ଅଭିଯୋଗ ଯେ ନିର୍ମାଣକାରୀ ସଂସ୍ଥା ପ୍ରକଳ୍ପ ନିର୍ମାଣର ଖର୍ଚ୍ଚ କମାଇବାକୁ ପରିବେଶ ଅନୁକୂଳ ଡିଜାଇନ୍, ନିର୍ମାଣ ଓ ପଦ୍ଧତି ବ୍ୟବହାର ନ କରି ଶସ୍ତା କାମଚଳା ଢଙ୍ଗରେ ନିର୍ମାଣକାମ କରୁଛନ୍ତି। ଏହାଫଳରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ପରିବେଶ ଦୃଷ୍ଟିରୁ ବିପନ୍ନ ହିମାଳୟ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏକ ପୋଷଣୀୟ ନୀତି ଗ୍ରହଣ କରାଯିବା ଆବଶ୍ୟକ। ଏଥିରେ ନିରାପତ୍ତା, ଅର୍ଥନୀତି, ପରିବେଶ ପରିତନ୍ତ୍ର, ଜାତୀୟ ବା ଲୋକସ୍ୱାର୍ଥ ଭଳି ପ୍ରସଙ୍ଗ ଅଗ୍ରାଧିକାର ପାଉ। ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ ଡିଜାଇନ୍ ତିଆରି ସମୟରେ ଏହି ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଇ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରାଗଲେ ଏଭଳି ଦୁର୍ଘଟଣା ଓ ବିପତ୍ତିକୁ ଅନେକାଂଶରେ ଏଡ଼ାଇ ହେବ। ଆମର ବିଶ୍ୱାସ ବାରମ୍ବାର ଘଟୁଥିବା ଏଭଳି ଘଟଣାର ପ୍ରତିକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ତତ୍ପରତା ସହ କାମ କରିବେ।

ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ

ଦେବରାଜ ପଟ୍ଟନାୟକ

ଭଗବାନ ବିଷ୍ଣୁ ଓ ଶିବଙ୍କର ପ୍ରିୟ ବୃକ୍ଷ ହେଉଛି ଅଁଳା । ଓଡ଼ିଆମାନେ ଅଁଳାଗଛକୁ ଦେବୀ ବୃକ୍ଷ ଭାବେ ପୂଜା କରନ୍ତି । କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିକୁ 'ପବିତ୍ର ଅଁଳା ନବମୀ' ଭାବେ ପାଳନ କରାଯାଏ । ଏହି ଦିନ ଓଡ଼ିଆମାନେ ଘରେ ଘରେ ଅଁଳା ଗଛ ପୂଜା କରନ୍ତି । ଏହା ଏକ ଔଷଧୀୟ ବୃକ୍ଷ । ଏହାର ଉପକାରିତାର ପ୍ରଚାର ଲାଗି ଅଁଳା ନବମୀ ପାଳନ କରାଯାଏ ବୋଲି ବିଦ୍ୱାନମାନେ ମତ ଦିଅନ୍ତି । ଏହି ଦିନ ଅଁଳା ଗଛ ତଳେ ବଟା ଅଁଳା ଭଗବାନ ବିଷ୍ଣୁଙ୍କ ପ୍ରତିମାକୁ ସ୍ନାନ କରାଯାଏ । କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ବଟା ଅଁଳା ବୋଳି ହୋଇ ସ୍ନାନ କରାଯାଏ । ଏହା ଏକ ଓଡ଼ିଆ ପରମ୍ପରା । ହବିଷ୍ୟାଳୀଙ୍କ ପାଇଁ ମଧ୍ୟ ଅଁଳା ନବମୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦିନ ସେମାନେ ଅଁଳା ମୂଳରେ ହବିଷ୍ୟ ରାନ୍ଧନ୍ତି ଓ ଗଛ ଚାରିପଟେ ପ୍ରଦକ୍ଷିଣ କରନ୍ତି । ଅଁଳାକୁ ସଂସ୍କୃତରେ ଅମୃତା, ବୟସ୍କା, କାୟସ୍ଥା, ଶ୍ରୀଫଳା, ଧାତ୍ରିକା, ଶିବ, ଧାତ୍ରୀ, ବୃଷ୍ୟା, ରୋଚନୀ କଷଫଳା ଆଦି କୁହାଯାଏ । ଏହି ଗଛର ଉତ୍ପତ୍ତି ବିଷୟରେ ଅନେକ କିମ୍ବଦନ୍ତୀ ରହିଛି । ଥରେ ଲକ୍ଷ୍ମୀ ଓ ଭଗବତୀ ଶ୍ରୀହରିଙ୍କୁ କିଛି ଦେବା ପାଇଁ ମନସ୍ତ କଲେ । କ'ଣ ଦେବେ ଚିନ୍ତା କରୁ କରୁ ଆଖିରୁ ଆନନ୍ଦାଶ୍ରୁ ବୋହି ପଡ଼ିଲା । ସେହି ଅଶ୍ରୁ ତଳେ ପଡ଼ି ଅଁଳା ଗଛ ସୃଷ୍ଟି ହେଲା । ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ, ଦିନେ ଲକ୍ଷ୍ମୀ ଓ ପାର୍ବତୀ ଏକତ୍ର ନିଜ ନିଜ ସ୍ୱାମୀଙ୍କ ପୂଜା କରିବାକୁ ମନସ୍ତ କଲେ । ଲକ୍ଷ୍ମୀଙ୍କ ପାଖରେ ବିଷ୍ଣୁଙ୍କର ପ୍ରିୟ ତୁଳସୀ ନଥିଲା କି ପାର୍ବତୀଙ୍କ ପାଖରେ ଶିବଙ୍କର ପ୍ରିୟ ବେଲ ପତ୍ର ନଥିଲା । ଏତିକି ବେଳେ ସମସ୍ୟା ସମାଧାନ ପାଇଁ ନାରଦ ସେଠାରେ ପହଞ୍ଚିଲେ । ଅଁଳା ଉଭୟ ତୁଳସୀ ଓ ବେଲ ପତ୍ରର ସମାରୋହ ବୋଲି ସେମାନଙ୍କୁ କହିଲେ । ତା ପରେ ଦୁହେଁ ଅଁଳା ଗଛ ମୂଳରେ ସେମାନଙ୍କ ପୂଜା ଶେଷ କଲେ । ଏହା ବ୍ୟତୀତ ଅଁଳାର ଉତ୍ପତ୍ତି ବିଷୟରେ ଆହୁରି ଅନେକ କିମ୍ବଦନ୍ତୀ ରହିଛି ।

ରାଜା ଉନମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବସ୍ତ୍ର ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ଓଡ଼ିଶାର ରାଜା ଶ୍ରୀ ପୁରୁଷୋତ୍ତମ ଦେବା କାଞ୍ଚି ବିଜୟ ପରେ ପ୍ରଭୁ ଶ୍ରୀ ସାକ୍ଷୀଗୋପାଳଙ୍କୁ ପୁରୀ ନେଇ ଆସିଥିଲେ । ପ୍ରଥମେ ଏହି ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପରେ ରହିଥିଲେ । ପରେ ସ୍ୱପ୍ନାଦେଶ କ୍ରମେ ପୁରୀ ଠାରୁ ୧୫ ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ସାକ୍ଷୀଗୋପାଳ ସ୍ଥାପିତ ହୋଇଥିଲେ । ସାକ୍ଷୀଗୋପାଳ ରହିଥିବାରୁ ସେହି ସ୍ଥାନଟି ସାକ୍ଷୀଗୋପାଳ ନାମରେ ନାମିତ ହେଲା । ସମୟକ୍ରମେ ଶ୍ରୀକୃଷ୍ଣଙ୍କ ପ୍ରିୟା ଶ୍ରୀରାଧା ସାକ୍ଷୀଗୋପାଳ ବଡ଼ପଣ୍ଡ ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମ ନେଲେ । ପ୍ରଭୁ ସାକ୍ଷୀଗୋପାଳ ପ୍ରତି ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀଙ୍କ ସହ କେଳି କରନ୍ତି ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ର ପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଯରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋରା କହି ନିର୍ଯାତନା ଦେଲେ । ହେଲେ ଭକ୍ତବତ୍ସଳ ଭଗବାନ ଏହା ଜାଣିପାରି ରାଜାଙ୍କୁ ସ୍ୱପ୍ନାଦେଶ କଲେ । ତୁରନ୍ତ ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ଶୀଘ୍ର ନିର୍ମାଣ କରାଇବା ପାଇଁ ରାଜାଙ୍କୁ କହିଲେ । ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଆଣି ଲକ୍ଷ୍ମୀଙ୍କ ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତି ନିର୍ମାଣ ଆରମ୍ଭ ହେବା ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତିର ଜୀବନ୍ୟାସ ଦିଆଯିବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କଲେ । ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛା ଅନୁଯାୟୀ ଲକ୍ଷ୍ମୀଙ୍କ ମରଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ



ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ମା'ଲକ୍ଷ୍ମୀ ବା ଶ୍ରୀରାଧାଙ୍କୁ ପଶ୍ଚିମାଞ୍ଚଳ ମହିଳାଙ୍କ ପରି ପିନ୍ଧା ଶାଢ଼ୀ ଦ୍ୱାରା ତାଙ୍କ ପାଦପଦ୍ମ ବର୍ଷସାରା ଘୋଡ଼ି ହୋଇ ରହିଲା । ତେବେ ମା'ଙ୍କୁ ବର୍ଷକେ ଥରେ ଓଡ଼ିଆଣୀ ଭାବେ ବେଶ କରିବା ଲାଗି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଠାକୁରାଣୀ କାଣିଆ କଛା ମାରି ଶାଢ଼ୀ ପିନ୍ଧନ୍ତି । ଫଳରେ ତାଙ୍କ ପାଦଯୋଡ଼ି ଦେଖାଯାଇଥାଏ । ଭକ୍ତମାନେ ଶ୍ରୀରାଧାଙ୍କ ପାଦପଦ୍ମ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ଏହାକୁ ରାଧାପାଦ ଦର୍ଶନ କୁହାଯାଏ । ଏହିଦିନ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ ।

+ଷ୍ଟିଫେନ୍ସ ବିଜ୍ଞାନ ମହାବିଦ୍ୟାଳୟ, ମିଶନ ରୋଡ଼, ବକ୍ସିବଜାର, କଟକ,
ମୋ : ୯୮୬୧୧୮୭୨୧୨

ଅଁଳା ନବମୀ ଓ ରାଧାପାଦ ଦର୍ଶନ

ଡ଼ଃ.ଅରୁନ୍ଧତୀ ଦେବୀ

କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିକୁ ପବିତ୍ର ଅକ୍ଷୟ ନବମୀ ବା ଅଁଳା ନବମୀ ଭାବେ ଅଭିହିତ କରାଯାଇଥାଏ। ବିଶ୍ୱାସ ରହିଛି ଅଁଳା ଗଛ ଭଗବାନ ବିଷ୍ଣୁ ଓ ଶିବଙ୍କ ନିବାସ ସ୍ଥଳ। ତେଣୁ ଏହି ଦିନ ଭୋର ସମୟରେ ନିତ୍ୟ କାର୍ଯ୍ୟ ସମ୍ପନ୍ନ କରି ଅଁଳା ବୃକ୍ଷ ମୂଳେ ପୂଜାର୍ଚ୍ଚନା କରାଯାଇଥାଏ। ବୈଶାଖ ମାସର ତୃତୀୟର ଯେଉଁଭଳି ମହତ୍ତ୍ୱ ରହିଛି ଅକ୍ଷୟ ନବମୀର ମଧ୍ୟ ସେହିଭଳି ମହତ୍ତ୍ୱ ରହିଛି। ଅକ୍ଷୟ ତୃତୀୟାରେ ତ୍ରେତୟା ଯୁଗ ଆରମ୍ଭ ହୋଇଥିବାବେଳେ ଅକ୍ଷୟ ନବମୀ ବା ଅଁଳା ନବମୀରେ ସତ୍ୟଯୁଗ ଆରମ୍ଭ ହୋଇଥିବା କୁହାଯାଏ। ଏହି ଦିନ ଯାହା ପୁଣ୍ୟ କାର୍ଯ୍ୟ କରାଯାଏ ତାହା ଅକ୍ଷୟ ରହିଥାଏ ବୋଲି ବିଶ୍ୱାସ ରହିଛି। ସେହିଭଳି ଯଦି ଏହି ଦିନ କେହି ଶାସ୍ତ୍ର ବିରୁଦ୍ଧ କାମ କରେ ତେବେ ଜନ୍ମ ଜନ୍ମ ଧରି ଦଣ୍ଡ ଭୋଗିବାକୁ ପଡ଼ିଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି। କିମ୍ବଦନ୍ତୀ ଅନୁଯାୟୀ ମାତା ଲକ୍ଷ୍ମୀ ଏହି ଦିନ ଧରିତ୍ରୀ ଭ୍ରମଣ କରିବାକୁ ଆସିଥିବାବେଳେ ଭଗବାନ ବିଷ୍ଣୁ ଓ ଶିବଙ୍କୁ ଏକତ୍ର ପୂଜା କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ। ବେଲ ଓ ତୁଳସୀର ଗୁଣ ଥିବା ଅଁଳା ବୃକ୍ଷ ମୂଳେ ମା'ଲକ୍ଷ୍ମୀ ଏହି ପୂଜା କରିଥିଲେ। ସେବେଠାରୁ ଏହି ପରମ୍ପରା ପାଳିତ ହୋଇ ଆସୁଛି। ଚରକ ସଂହିତା ଅନୁଯାୟୀ ଅଁଳା ନବମୀ ତିଥିରେ ଅଁଳା ଖାଇ ମହର୍ଷି ଚ୍ୟବନ ନବଯୌବନ ପ୍ରାପ୍ତ ହୋଇଥିଲେ। ପୁରୀ ଜିଲ୍ଲା ସାକ୍ଷୀଗୋପାଳ ସ୍ଥିତ ମନ୍ଦିରରେ ଅଁଳା ନବମୀ ମହାସମାରୋହରେ ପାଳିତ ହୋଇଥାଏ। ଏହି ଦିନ ରାଧାଙ୍କ ପାଦ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

ରାଜା ଉନ୍ମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବସ୍ତ୍ର ବ୍ରାହ୍ମଣଙ୍କ ପାଇଁ ସାକ୍ଷୀ ଦେବାକୁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ। ପରେ ଓଡ଼ିଶାର ରାଜା ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ପୁରୀକୁ ସଙ୍ଗରେ ନେଇଆସିଲେ। ସାକ୍ଷୀଗୋପାଳ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ହେବାର ଅଳ୍ପ ଦିନ ପରେ ରାଜା ରାମଚନ୍ଦ୍ର ଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ହେଲା ସାକ୍ଷୀଗୋପାଳ ଭୋଗବୁହା ବାଟ ପାଖରେ ବସି ଆମର ପିଠା ଆଦି ସମସ୍ତ ମିଷ୍ଟାନ୍ନ ପଦାର୍ଥଗୁଡ଼ିକୁ ଆଗରୁ ଉଚ୍ଛିଷ୍ଟ (ଅଇଁଠା) କରି ଦେଉଛନ୍ତି, ଆମେ ଉପବାସ ରହୁଛୁ। ରାଜାଙ୍କ ନିଦ ତତ୍‌କ୍ଷଣାତ ଭାଙ୍ଗିଗଲା, ରାଜା ଭାରି ବ୍ୟସ୍ତ ହୋଇପଡ଼ିଲେ। ରାଜା ଏହିପରି ଅଶୃଙ୍ଖଳିକର ଅବସ୍ଥାରେ ଥିବା ସମୟରେ ବାବା ବ୍ରହ୍ମଚାରୀ ନାମକ ଜଣେ ସନ୍ନ୍ୟାସୀ ରାଜାଙ୍କ ପାଖକୁ ଯାଇ କହିଲେ ହେ ରାଜନ ପୁରୀଠାରୁ ୧୫ ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ଶ୍ରୀ ସାକ୍ଷୀଗୋପାଳଙ୍କୁ ସ୍ଥାପନ କର। ଏହି ଧାମ ଠିକ୍ ବୃନ୍ଦାବନ ଧାମ ପରି। ରାଜା ଶ୍ରୀରାମଚନ୍ଦ୍ର ଦେବ ବାବା ବ୍ରହ୍ମଚାରୀଙ୍କ ପରାମର୍ଶକୁ ସାକ୍ଷୀଗୋପାଳଙ୍କ ଇଚ୍ଛା ଭାବି ଏହି ପ୍ରାକୃତିକ ବନରେ ପ୍ରଥମେ ସିଦ୍ଧବଳରାମଙ୍କ ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରାଇ ଶ୍ରୀସାକ୍ଷୀଗୋପାଳଙ୍କୁ ସ୍ଥାପନ କରାଇଲେ। ପରବର୍ତ୍ତୀ କାଳରେ ବର୍ତ୍ତମାନର ମନ

ପ୍ରୀତିର ଉତ୍କର୍ଷ
ଭରତ ଚନ୍ଦ୍ର ଦାଶ

ବର୍ଷା ବର୍ଷୁଛି ଯେ ଏମିତି ପ୍ରେୟସୀର ସ୍ୱର୍ଣ୍ଣଚମ୍ପା ତନୁ ଛୁଇଁ,
ଭିତରେ ବାହାରେ ବର୍ଷା ମୋ ଦେହରେ ବିନ୍ଦୁଏ ବି ନାଇଁ,
ଜଙ୍ଗଲ ପାହାଡ ଡେଇଁ କେନ୍ଦୁଝର ଅବା ମୟୂରଭଞ୍ଜ ଜିଲ୍ଲା
ପାହାଡି ଝରଣାପରି ଛଳଛଳ ସୁମଧୁର ହୃଦୟତା ଖୋଲା ।

ନୀଳଗିରି ଡେଇଁ ଯେବେ ପୂର୍ବାହଣେ ଆସେ ଯେ ବରଷା,
ଭରସିପାରେନା ବିଶ୍ୱାସ କରେନା ହୃଦୟକରେ ମୋ ଚୋରି
ଶରତ ଆକାଶେ ନୀଳିମାରେ କିଏ ଲଚିଛପି କରେ ଈର୍ଷା,
ଢଳଢଳଢଳେ ପ୍ରୀତିସମୁଜ୍ଜ୍ୱଳେ କାଶତଣ୍ଡିର ନୟନେବାରି ।

ନିରନ୍ତର ବର୍ଷା ଭାବିଛି କି କେବେ କାଶତଣ୍ଡି ମନ କଥା ,
ଶରତର ସ୍ୱର୍ଣ୍ଣେ ହସୁଥିଲା ଯିଏ ତା' ଆଖିର ଆଖିଏ ଲୁହ,
ଶୁଭ୍ରତା ନାହିଁ ନିଷ୍ପ୍ରଭ କହିପାରୁନାହିଁ ହୃଦୟ ତଳର ବ୍ୟଥା,
ମିଳନ ତା ଆଜି ସପନ ହୋଇଛି ଛାତିରେ ଛାତିଏ କୋହ ।

ଏମିତି ମୁଁ ଭିଜେ ସପନରେ ହଜେ ପାଏନା କାହାର ସ୍ପର୍ଶ
ମୋ ହୃଦୟେ ଅନନ୍ୟ ପୁଲକ ଲଭେ ମୁଁ ପ୍ରୀତିର ଉତ୍କର୍ଷ ।

❤ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ସିମୁଳିଆ,ବାଲେଶ୍ୱର -୭୫୬ ୧୨୬
ମୋ: ୯୪୩୭୩୭୨୧୬୬

ବିନା ପାଣିର ମାଛ
ଝରଣା ଦାସ

ଅପେକ୍ଷା ନାଁରେ ଏକ ଆତ୍ମ ଘୋଷିତ ମୃତ୍ୟୁକୁ
ଅନେଇଛି ତ ଏଯାଏ,ଆପଣା ଅନ୍ଦାଜରେ
ସତୀର୍ଥ ସମସ୍କନ୍ଧଏଡ଼ିଯାଇ ସମସ୍ତଙ୍କୁ ।

କେବେ ଦିନେ ଫୁଲଫୁଟା ଫଗୁଣରେ
ନୀଡ଼ ଗଢ଼ିବା ସ୍ୱପ୍ନରେ ମସ୍‌ଗୁଲ୍ ମହୁମାଛି
ଆଜି ନିଜ ଗଢ଼ା ମହମଘରେ
ଏକା -ଖୁବ୍ ଏକା ଏକା ।

ଜୀବନକୁ ଅତି ପାଖରୁ ଭେଟୁଥିବା
ବେଶ୍ ଚିହ୍ନିଲିଣି ବୁଝିଲିଣି
ଏଣ୍ଟୁଅ ସାଜି ରଙ୍ଗ ବଦଳଉଥିବା
ସମୟର ପେଞ୍ଚକୁ ଯେତେ କଷିକରି
ଆଣ୍ଟିଲେବି
ହୁଗୁଳା ହେଇ ରହୁଥିବା
ପରକ୍ଷିଲିଣି, ତା'ର ଅବିଶ୍ୱସନୀୟତାକୁ ।

ଖୁବ୍ ଲଢ଼େଇ କରି ନିଜ ସହ
ସଂସାରରେ ରହି, ସଂସାରରୁ ପରେ
କାହିଁକି ମୁଁ ଏମିତି ?
ପ୍ରଶ୍ନଟି ଉତ୍ତର ଅପେକ୍ଷାରେ
ରକ୍ତାକ୍ତ କରେ ବରାବର ମୋ ଅନ୍ତର୍ମନକୁ ।
ସେତେବେଳେ ମୋର ଭାରି ମନେପଡ଼େ ତୁମ
କଥା, ନିଜେ ମୁଁ ଚିହ୍ନିନି ନିଜକୁ ଯେତିକି
ବୋଧେ ଚିହ୍ନିଥିଲ ତମେ
ମୋତେ ବେଶି ମୋ'ଠୁ ବେଶି ।

ସେଇଥିପାଇଁ ତ
'ତୁ ସ୍ୱତନ୍ତ୍ର' ଶବ୍ଦଟି ଶୁଣି ଶୁଣି ତୁମ ମୁହଁରୁ
ନିଜକୁ ମୁଁ ଚିହ୍ନୁଥିଲି
ଦେଖି ଦେଖି ତୁମ ଆଖି ଆଇନାରେ ।

ପାରଦ ଉଡ଼ି ଯାଇଥିବା ଆଇନାର କାଚ ପରି
ଶରୀରର ଘଟ ଛାଡ଼ି
ଆତ୍ମା ରୂପରେ ଯେବେଠୁ
ଚାଲି ଯାଇଛ ତମେ ମୋ ପାଖରୁ
ଥାକ ଥାକ ସାଇତା ସ୍ମୃତିକୁ ସମ୍ବଳ କରି
ବଞ୍ଚୁଛି ମୁଁ ଯାହା ଖାଲି
ବିନା ପାଣିର ମାଛ ସାଜି ।

ଆଜି ନିଜର ହୋଇ ନାହିଁ ତମେ
ଦେଖି ଦେଖେଇବ, ଶୁଣି ଶୁଣେଇବ
ମୋ ଆତ୍ମା ବିଳାପର ଧ୍ୱନକୁ
ପହଞ୍ଚେଇ ମୋ' ଯାଏ ।

ସେଇଥିପାଇଁ ତ ନିଜ କୋଷରେ ସୂତା ସଞ୍ଚୁଥିବା
ଏଣ୍ଟିପୋକର ଆବଶ୍ୟକତା ସରି ଯାଇଛି ଜାଣି
ଏ ଜନ୍ମରେ / ଏଇ ପୃଥିବୀରୁ
ସ୍ୱୟଂକୁ ଆବଦ୍ଧ କରିପକାଇଛି
ବନ୍ଦ୍ ଘରଟା ଭିତରେ ।

ସନ୍ନ୍ୟାସ ନେଇ ସଂସାର ରଙ୍ଗମରୁ
ଚିକ୍‌ମିକ୍ ଆଲୁଅ ସେପାଖ
ଆବୋରି ବସିଛି ଅନ୍ଧାରକୁ ତୁମେ ଗଲା ପରେ ।

❤ ଅଙ୍ଗାରଗଡିଆ, ବାଲେଶ୍ୱର
(ମୋ) ୮୮୯୫୬୭୩୭୬୨

ପ୍ରେମମୁଗ୍ଧା
ହରିଶ୍ଚନ୍ଦ୍ର ବେହେରା

ସେ ନଈ ପଠାରେ ବସିଲେ
ଆଖି ଆଗରେ ଚହଲି ଯାଏ କେତେ
କାହାଣୀ
ଜଳ ଦେହରେ କେତେ ଆଂଚୁଡା ଦାଗ
ଦରିଆ ରେ ଜୁଆର ଉଠିଲେ କେମିତି
ପ୍ରେମମୁଗଧା ହୋଇଯାଏ ସେ

ରିମଝିମ ସ୍ୱର ତୋଳି
ବର୍ଷା ନାଚେ କେବେ କେବେ
ଏଇ ଶ୍ରାବଣରେ
ଅଙ୍ଗରେ ଭରା ଶିହରଣ
କଦମ୍ବ ରୋମାଂଚ
ପାଗଳ ବତାସ କାନ ପାଖେ
କ'ଣ ସବୁ କହେ, ସେ ଜାଣେ

କିଏ ଜଣେ ବଂଶୀ ବଜାଉଛି କି କେଉଁଠି
ନା ଝାଉଁ ବଣରୁ ସୁସୁରି ଶୁଭୁଛି !!

ନଈ ଠୁଁ ଚିରନ୍ତନ ପ୍ରେମିକା କିଏ ଅଛି
ଦିନ ରାତି ଧାଉଁ ଥାଏ ମିଳନ ପିୟାସୀ
ଆଲ୍ଲାଦରେ କୋଳେଇ ନିଏ ସମୁଦ୍ର
ଅସରନ୍ତି ଲୋଡିବାପଣ ଚହଟୁ ଥାଏ
ମୋଟେ ସରେ ନାହିଁ

କେବେ ବିପ୍ରଲବ୍ଧା ତ କେବେ ବାସକ ସଜ୍ଜା
କେବେ କଳହନ୍ତରିତା ତ
କେବେ ଅଭିସାରିକା

କେବେ ପ୍ରୋଷିତଭତୃକା ସାଜି ଜୁଆରକୁ
ଟାଣି ଆଣେ
ଛାତି ଉପରକୁ ମୋହିନୀ ମାୟାରେ

କେତେ ଭଙ୍ଗାରୁଜା ଜାହାଜର ଡେକ ପଡ଼ିଛି
ପଠାରେ ସ୍ମୃତି ହୋଇ
ନଈ ଦେଖି ହସିଡିଏ
ଝୁରେ ନାହିଁ ଅତୀତ କୁ
ସେତ ଆଡ଼ ପାଗଳୀ ଝିଅଟିଏ

ତା' ଲାଗି ଝୁରି କିଛି ଲାଭ ନାହିଁ ଜାଣେ
ତା' ମଥାରୁ କେବେ ଲିଭିବ ନାହିଁ ସିନ୍ଦୂର
ଭାଙ୍ଗିବ ନାହିଁ ହାତରୁ ଶଙ୍ଖା
ଏମିତି ପ୍ରେମ ମୁଗ୍ଧା ହୋଇ
ବହୁଥିବ ଚିରକାଳ
ଋତୁ ପରେ ଋତୁର ଚୌକାଠ ଡେଇଁ ।।

❤ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

ରାଜଧାନୀରେ ବାତ୍ୟା
ଅଳକା ରାୟ

ଗୋଟିଏ ରାତି ନ ସରୁଣୁ,ଆଉ
ଗୋଟେ ରାତି ମାଡ଼ି ଆସିଲାପରି
ରାଜଧାନୀର ବକ୍ଷରେ ବାତ୍ୟା
ଚିର ସହଚର, ପାଣିପାଗ ଭବନରୁ
ଆଲାରାମ୍ ବାଜିଲା ମାତ୍ରେ
ଫିକରନଟ କହି
ରାଜଧାନୀର ଘରଣୀ ମାନଙ୍କ
ରୋଷଘର ପୁରି ଯାଏ
ସଉଦା ପତ୍ରରେ
ମଲ୍ ଗୁଡିକରେ କାଉଣ୍ଟର ସଂଖ୍ୟା
ବଢିଯାଏ ଆଶାତିତ ଭାବରେ ।
ଅଘୋଷିତ କର୍ଫ୍ୟୁରେ ସଞ୍ଜବେଳଟା
ଲାଗେ ଫିକା ଫିକା ।
କେତେବେଳେ 'ୟାସ' ଆସି
ଉଡାଇ ନିଏ
ଗ୍ରୀଷ୍ମର ତାଉ ତ କେତେବେଳେ ?
ତାଉତ୍ ଆସି ଦେଖାଇଯାଏ
ତାର ତାଉ, ଅଣଚାଶ ପବନ ସହ
ବାତ୍ୟା ମାଡି ଆସେ ପ୍ରଳୟ ନିଶାରେ,
ରାଜଧାନୀର ସହନଶୀଳତା
ପରଖୀବା ଆଶାରେ.....
ହେଲେ, ରାଜଧାନୀ ତ ରାଜଧାନୀ
ଶହନଶୀଳତାର ଅମାର.....
ଡାକେ, ଆଲୋ ଏ ମେଘ.....
ଆଲୋ ଏ ପବନ.....
ପୋଡ଼ା ମୁହଁ ଦୁଇଟା,
ଉଜାଡ଼ି ଦେଉଛ ସହରଟାକୁ ମୋର
ଅନେଶୋତ ବାତ୍ୟାରେ

ସିନା ବୁଡାଇ ଦେଇଥିଲ
ମୋ ନଡ଼ିଆ ଗଛର ବଂଶ,ଖିନ୍-ଭିନ୍
କରିଦେଇଥିଲ ମୋ ବତିଖୁଣ୍ଟ
ହେଲେ,ଏବେ ଦେଖ ମୋ ଗଛ ସବୁ
ସଳଖି ଠିଆ ହେଲେଣି, ମୋ ବତିଖୁଣ୍ଟ
ସବୁ ସାଇକ୍ ହେଇ ଗଲେଣି, ଆଉ
କାଟୁ କରୁନି ତମ ମାଡ଼.....!
ଫନି ବି ଆସିଥିଲା
ଉଜାଡ଼ି ଦେଇଥିଲା ମୋ
ସୁଦୀର୍ଘ ତାଳ ଗଛର ବଂଶ
ତାସ ଘର ପରି ଉଡାଇ ନେଇଥିଲା
ଟିଣ, ଛପର ଓ ପଲିଥିନ୍ ତଳେ
ଶୋଇଥିବା ଗରିବଙ୍କ ବଳ
ଚିର ନିଦ୍ରାରେ ଶୁଆଇ ଦେଇଥିଲା
ବିରାଟ ବପୁଧାରି ବର ଓହଳ
ହେଲେ ଦେଖି, ଲକ୍ଷ ଲକ୍ଷ ତାଳ ଗଛରେ
ପୁରି ଉଠୁଛି ମୋ ଜଙ୍ଗଲ
ସୁଉଚ୍ଚ ଆପାର୍ଟମେଣ୍ଟ ଓ ଅଟ୍ଟାଳିକାର ଭିଡ଼
ସଙ୍ଗକୁ,ଡିଭାଇଡରରେ
ଖଜୁରୀ ଗଛ ମାଳ ମାଳ
ଆଉ କାଲି ଦେଖିବୁ ମୋ ସୁସନ୍ତାନ ମାନେ
ଭରିଦେବେ ମୋ କୋଳକୁ
ସୁଶୀତଳ ଜଳରେ, ସୁଶ୍ୟାମଳାରେ ।

ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

ଦାଦନ
ଦିଲ୍ଲୀପ କୁମାର ସାହୁ

ମହାଜନ ଋଣ ବୋଝକୁ ମୁଣ୍ଡେଇ
ଛୁଆ ପିଲା ସାଥେ ଧରି
ଦାଦନ ଯାଆନ୍ତି ଆମ ଗାଁ ଲୋକେ
ଧାନ କଟା ଗଲେ ସରି ।

ମା'ର କାଖରେ କୁନି ଛୁଆଟାତ
ଜୁଲୁ ଜୁଲୁ ଚାହୁଁଥାଏ
ବଡ ପିଲାଟା ସେ ବାପ ହାତ ଧରି
ଆଗେ ଆଗେ ଚାଲୁଥାଏ ।

ଅଧିକ ମଜୁରୀ ବେଶି ରୋଜଗାର
ସପନ ଦେଖାଇ କେତେ
ଭୁଲେଇ ଲୋକଙ୍କୁ ଦଲାଲ ନିଅଇ
ଅଜଣା ରାଇଜେ ସାଥେ ।

ଛାତି ଦୁଲୁକେଇ ରେଳ ଗାଡ଼ି ଚାଲେ
ଥରିଯାଏ ପାଦ ତଳ
ପଛେ ରହିଯାଏ ଗାଁ ବିଲ ବାଡି
ଭିଟାମାଟି ନଈ ନାଳ ।

କାହିଁ କେତେ ଦୂର ଅଜଣା ସହରେ
ଦଲାଲ ଦିଅଇ ଛାଡ଼ି
ରାତି ନପାହୁଣୁ କାମ କରିବାକୁ
ଠିକାଦାର କରେ ରଡି ।

ଦିନ ସରେ ପୁଣି ମାସ ସରିଯାଏ
ଦିନ ରାତି ଖଟି ଖଟି
ପାଉଣା ମାଗିଲେ ମାଡ଼ ଖାଇ ଖାଇ
ପିଠି ଯାଏ ପରା ଫାଟି ।

କିଣା ଦାସ ପରି ନିଇତି ଯାତନା
ଭାବିଲେ ଥରଇ ଛାତି
ଫେରିବାର ରାହା ଖୋଜିଲା ବେଳକୁ
କଳାମେଘ ଯାଏ ଘୋଟି ।

ଉଜୁଡା ଘରକୁ ସଜାଡିବା ପାଇଁ
ପୁଅ ଯାଏ କଥା ଦେଇ
ଫେରିବା ବାଟକୁ ଚାହିଁଥାଏ ବାପା
ପୁଅ ଆସେ 'ମଡା' ହୋଇ ।

ଅନ୍ଧାରୀ ମୂଲକେ ଗରିବ ଜୀବନ
ଅକାଳେ ହୁଅଇ ଇତି
ତଥାପି ଗାଁ ରୁ ଫି ବର୍ଷ ଲୋକେ
ଯାଆନ୍ତି ଦାଦନ ଖଟି ।

+ଶଙ୍କରପୁର, ଚାରବାଟିଆ
ମୋ:-୭୦୭୭୨୦୬୯୭୭

ଭିନ୍ନ ସୁରର ଗୀତି
ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ମୁଁ କେବେ ଦର୍ଶକ ନିଜ ନାଟକର
କେବେବି ତ ଅଭିନେତା
ହସ ଓ କାନ୍ଦର ମୁଖା ତଳେ ମୋର
ଅସମ୍ଭବ ନୀରବତା ।

ମୁଁ ଗୋଟେ ଅତୀତ ଜୀବନ ବେଳାର
କିଛି ସତ କିଛି ମିଛ
ମନ୍ଦ୍ର ମୁରଲୀ ଧ୍ୱନି ଟିଏ କେବେ
ଯାତନା ବି ସେଠି ତୁଚ୍ଛ
ପରଶଂସା କେବେ ନିନ୍ଦା
ହସି ହସି ସବୁ ଜହର ପିଇଛି
ହୃଦୟକୁ ରଖି ବନ୍ଧା ।

ମୁଁ ଗୋଟେ କବିତା ଜୀବନ ବୀଣାର
ମେଘମୟ ଜହ୍ନରାତି
ତନୁରେ ମୋ ଭରା ପାତଳ ଜୋଛନା
ବୁକୁରେ କୋହଲା ତାତି
ଭିନ୍ନ ସୁରର ଏ ଗୀତି
ଧୀରେ ଛୁଏଁ କେବେ କା ମନ ଅଗଣା
କେବେ ବର୍ଷେ ରାତି ରାତି ।

❤ ଦଶରଥପୁର, ଯାଜପୁର- ୭୫୫୦୦୬
ମୋ: ୭୩୭୭୩୧୮୭୮୯

ପୁଣ୍ୟ କାର୍ତ୍ତିକ
ନଳିନୀ ଦାଶ

ଧରମ ମାସ ଏ ପୁଣ୍ୟ କାର୍ତ୍ତିକରେ
ପହିଲି ଶୀତ ଆସିଛି
ଘଣ୍ଟ ମୃଦଙ୍ଗର ଶବଦ ମନ୍ଦିରେ
ଗାଆଁଟି କମ୍ପି ଯାଉଛି ।
ଗୀତା ଭାଗବତ ପୁରାଣ କାହାଣୀ
ବେଦ କାନେ ଶୁଭିଲାଣି
ସାଧୁ ସନ୍ଥ ଭକ୍ତ ମନ୍ଦିରରେ ବସି
ଜପ ତପ କରିଲେଣି ।

ଶିବ ମନ୍ଦିରରେ ସୋମବାର ଦିନ
ଭକ୍ତଙ୍କ ଗହଳି ହୁଏ
ଭକତି ଚିତ୍ତରେ ଉପବାସ କଲେ
କାମନା ପୂରଣ ହୁଏ ।
ଥିରି ଥିରି ଶୀତ ଗାଉଅଛି ଗୀତ
ଧରମ ପଥରେ ଯାଅ
ଆମିଷ ଭୋଜନ ନକରି ଧରମ
କରମଟି କରୁଥାଅ ।
ଚଉରା ମୂଳରେ ଝଟକି ଉଠିଲା
ପଞ୍ଚ ମୁରୁଜର ଚିତା
ସକାଳୁ ଗାଧେଇ କମଳା ମାଉସୀ
ପଢିଲେଣି ବସି ଗୀତା ।

ହବିଶିଆଳିଙ୍କ ଭିଡ଼ ଲାଗିଅଛି
କାର୍ତ୍ତିକ ବ୍ରତକୁ କରି
ରାଇ ଦାମୋଦର ପୂଜନ କରନ୍ତି
ଜପ ମନ୍ତ୍ର ତୁଣ୍ଡେ ଧରି ।
ମାସମଧ୍ୟେ ସାର୍ ଏ କାର୍ତ୍ତିକ ମାସ
ମହାନ ବାରତା ଦିଏ
ଭକତି ବଳରେ ଧରମ ମାସରେ
ପ୍ରଭୁଙ୍କ ଦର୍ଶନ ପାଏ ।

❤ ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

ତୁମେ କାହିଁକି ଆସ ?
ନୂତନ କୁମାର ବେହେରା

ମୁଁ ପଚାରିଲି ଦିନେ ପ୍ରତିଦିନ ଆସୁଥିବା ସ୍ୱପ୍ନକୁ
ହେ ମୋର ପ୍ରିୟ ସ୍ୱପ୍ନ ! ତୁମେ କାହିଁକି ଆସ...
ଭରି ଦିଅ ଆନନ୍ଦ ଉଲ୍ଲାସ ପୁଣି କରାଅ ବିବଶ
ଦେଖା ଦିଅ ମୋ ଆଖି ଆଗରେ ଭାରି ଚମତ୍କାର
କରାଅ ମୋତେ ବିଭୋର...ହୁଏ ମୁଁ ଅସ୍ଥିର ଅଧିର
ନିଦରେ ଶୋଇ ଶୋଇ ଦେଖେ ଦୁନିଆଁଟା ତୁମର

ଇଚ୍ଛାରେ ଚଳାଅ ମୋତେ ତୁମ ମନ ମୁତାବକ
ଘୁଞ୍ଚାଇ ଦିଅ ସବୁ ଆସେ ଯେତେ ପ୍ରତିବନ୍ଧକ
ଚଳା ପଥରେ ଦେଖେ ତୁମକୁ... ତୁମେ ଏକା ପଥିକ
ରଚି ଚାଲ ମୋ ପାଇଁ ତୁମେ ଉଭଟ ନାଟକ
ଆସ ଯେମିତି ବେଗେ ଯାଅ ବି ସେମିତି ଅଚାନକ
ଭାଙ୍ଗିଗଲେ ମୋ ନିଦ ହୁଏ ମୁଁ ତୁମକୁ ଝୁରି
କେବେ ହସେ ଏକା ଏକା ପାଗଳ ହେଲା ପରି
କେବେ ପୁଣି କାନ୍ଦେ ମୁଣ୍ଡପୋତି ମୋ ଆଶାକୁ ମାରି
ବୁଝି ପାରେନା କିଛି... ବସେ ମୁଁ ଚିନ୍ତା କରି
ଅଜବ ଅଜବ ସବୁ ଲାଗେ ପରେ ଯାଏଁ ପାସୋରି

ସ୍ୱପ୍ନ ନୀରବରେ ଶୁଣି ମୋର ସବୁ କଥା
ମୁଚୁକି ହସି କହିଲା...ଦୂରାଇବାକୁ ମୋ ବ୍ୟଥା
ଶୁଣ ମୋ କଥା... ମୁଁ ତୁମ ପାଖକୁ ଆସେ କାହିଁକି...
ମୁଁ ସବୁଠିକୁ ଯାଏଁ କେଉଁଠି ବି ରହେନା ଅଟକି
ମୁଁ ଅବାସ୍ତବ ମିଛ ମାୟା ନାହିଁ ମୋର କାୟା ଛାୟା
ତଥାପି ସମସ୍ତଙ୍କୁ ସବୁବେଳେ ଦେଖାଏଁ ଦୟା
ସେଇ ମିଛରୁ ସତକୁ ଆସିବା ପାଇଁ ଦିଏ ପ୍ରେରଣା
ମୁଁ ସ୍ୱପ୍ନ ନୁହେଁ କାହାରି...କହେ ହୁଅନା ବାଟବଣା
ଭୁଲି ଯାଅ ମୋତେ...ଖୋଜ ତୁମେ ତୁମର ଠିକଣା

ମୁଁ ଅବଚେତନାର ଏକ କଳ୍ପିତ ଛାୟା ଛବି
ତୁମ ଆଗରେ ଦେଖାଦିଏ ଯାହା ତୁମେ ଥାଅ ଭାବି
ମୋତେ ତୁମେ ଜାଗ୍ରତରେ ଦେଖ ବାସ୍ତବ ଚିନ୍ତି
ସଜାଗ ହୁଅ...ଆରମ୍ଭ କର ଅଭିଯାନ...ଆଣ କ୍ରାନ୍ତି
ମନରୁ ଦୂର ହୋଇଯିବ ତୁମର ଭ୍ରମ ଭ୍ରାନ୍ତି
ବାସ୍ତବତାକୁ ଦେଖି ଆଖି ସାମ୍ନାରେ ପାଇବ ଶାନ୍ତି
ସ୍ୱପ୍ନ ଚାଲିଗଲା ମୋତେ ସବୁ ବୁଝାଇ ଦେଇ
ଦେଖୁଥିଲି ସମ୍ଭାବନାକୁ ଏକାଗ୍ରରେ ଧ୍ୟାନସ୍ଥ ହୋଇ
ଫେରି ପାଇଲି ମୁଁ ମୋର ପୂର୍ବର ଆତ୍ମବିଶ୍ୱାସ
ଆଉ ପଚାରିଲି ନାହିଁ...
ସ୍ୱପ୍ନ ତୁମେ କାହିଁକି ଆସ... ?

❤ କୋହି,ବାରିପଦା,ମୟୂରଭଞ୍ଜ
(ମୋ) ୮୦୧୮୩୫୩୩୨୨

ସହୁଛି ସେ କେତେ...
ସରୋଜିନୀ ମହାନ୍ତି

ଝଡ଼ର ଶୀର୍ଷକରେ ପରିସ୍ଥିତି ଆଜ ଗମ୍ଭୀର
ତରଙ୍ଗାୟିତ ଅଶ୍ରୁ ନୟନେ
ଭାସି ଯାଇଛି ତା ଜୀବନ୍ତ ଶରୀର
କ୍ଷୁଦ୍ର ପ୍ରକୋଷ୍ଠରେ ନିଶ୍ଚଳ ହୋଇ
ବସିଛି ତା ମନ
ଜୀବନ ସଦୃଢ କାରାଗାରେ
କିଛି ହରାଇବା ପରେ ପୁଣି କିଛି ଖୋଜୁଛି ।

ପରିସ୍ଥିତି ବୀରଦର୍ପରେ ଜବାବ୍ ଦେଉଛି
ପରାଧୀନର ବିପ୍ଳବ ସ୍ୱରରେ
ହୃଦସ୍ପନ୍ଦନର ତୃଷ୍ଣା ମେଣ୍ଟାଇବାକୁ
ସହୁଛି ସେ କେତେ ଅସମ୍ମତ
ଜୀବନ ମହନୀୟ ତ୍ୟାଗର
ଅବିସ୍ମରଣୀୟେ ।

ବୟସର ମଧ୍ୟାହ୍ନ ପ୍ରାରମ୍ଭ ହେତୁ
ସେ ଆଜି କ୍ଳାନ୍ତ ଅବସନ୍ନ ହୋଇପଡିଛି
ଜୀବନ ସ୍ୱାଧୀନତା ମୃତ୍ୟୁର ସମଗ୍ର
ମନରେ ଶୋକର ଛାୟା ଖେଳିଯାଇଛି
କଟକଣାର ପରାଜୟର ପ୍ରତ୍ୟହେ
ପୋଛିବାକୁ ମନା ଏଠି ଲୁହ
ଆଖିର ଲୁହ ହୃଦୟ ଅହ୍ଳାର ଅସ୍ତିତ୍ୱରେ
ସଞ୍ଚିତ ଅଛି ସେଇଦିନ ହସିବା ବଦଳରେ
କାନ୍ଦିବ ବୋଲି ମନ ଖୋଲି ମାଟିରୁ
ମହାକାଶଯାଏ
କିଏ ଅଛି ତାର ପ୍ରତିବାଦୀ ।

ଶୃଙ୍ଖଳର ମୁକ୍ତ ସ୍ୱପ୍ନଟି ଦେଖିଥିବା ମଣିଷ
ଆଜି ମୂକ ପାଲଟି ଯାଇଛି କ୍ଷୁବ୍ଧ ଧାରାରେ
ଦୈନିକ ପିଇବାକୁ ପଡ଼େ ଯନ୍ତ୍ରଣାର ଗରଳ
ସ୍ନାନ ଆଉ ସପନରେ କଥା ଲୁହ କ'ଣ
ବୁଝେ
ସେ ଭିଜାଉଥାଏ
ହୃଦୟର ରକତକୁ ନିର୍ଝରେ ।

ଜୀବନ ଅଙ୍କରେ କଷୁଥିବା ଚିତ୍ରଟି
କେତେବେଳେ ପାଲଟିଯାଏ ସମାଧି
ତା ଉପସ୍ଥିତିରେ
ଅନୁତାପର ସୂତ୍ର ଭିତରେ ଛନ୍ଦି ହୋଇଯାଏ
ଜୀବନ ଗଣିତଧାରା ସମାଧାନ ପୂର୍ବରୁ
ପରିମାଣର ସୂଚକ ହରାଇ ବସେ
ଓଜସ୍ୱିନୀ ତାର
କୃତ ସଂକଳ୍ପେ ଜୀବନ ସରଳୀକରଣକୁ
ଭୋକର ଭୂଗୋଳ ପୃଷ୍ଠାରେ ଜଟିଳ ଅଙ୍କରେ
ସହୁଛି ସେ କେତେ ଅସମ୍ମତ ।

❤ ମହୁ, ଆଳି, କେନ୍ଦ୍ରାପଡ଼ା

ନିସ୍ତବ୍ଧ ଷ୍ଟାଡିୟମ
ରମେଶ ଚନ୍ଦ୍ର ନାୟକ

ଘମାଘୋଟ ଭାବେ ଲଢ଼େଇ ଚାଲଇ
ଏକ ଦିବସୀୟ କ୍ରିକେଟ ଖେଳ
ଅଷ୍ଟ୍ରେଲିଆ ସାଥେ ଭାରତ ଖେଳଇ
ଆନନ୍ଦ ଉଲ୍ଲାସେ ସରବେ ଭୋଳ ।

ବିଶ୍ୱକପ୍ ଦେଖି ମନ ଯାଏ ଲାଖି
କିଏ ହାତେଇବ ପଡେନି ଜଣା
ଦୁଇ ଦଳ ଯାକ ଏକକୁ ଆରେକ
ଦର୍ଶକ ଚକିତେ ହୁଅନ୍ତି ବଣା ।

ଟଟ୍ ଜିତିଗଲା ଅଷ୍ଟ୍ରେଲିଆ ଦଳ
ଟୁନିଲା କରିବ ଗ୍ୱାଲିଙ୍ଗ୍ ଆଗେ
ଫଟା ଫଟ୍ ଚାରି ଉଇକେଟ୍ ନେଇ
ଭାରତ ଦଳକୁ ପଛକୁ ଫିଙ୍ଗେ ।

ବଲ୍ ଘାଇଁ ଘାଇଁ ବୋଲର ଛାଡଇ
ସମ ତାଳ ଦେଇ ଘୂରଇ ବ୍ୟାଟ୍
କେତେବେଳେ ଛକା ଚଉକା ବରଷେ
ଅବା ଉଡିଯାଏ ସେ ଉଇକେଟ୍ ।

କିଏ ଦୁଃଖି ହୁଏ ଅବା ସୁଖ ପାଏ
ନିଜ ପସନ୍ଦର ଖେଳ ଦେଖିକି
ଆଘାତ ପାଇଲେ କ୍ୟାଚ୍ ଛାଡି ଦେଲେ
ବିରକ୍ତି ହୁଅନ୍ତି ଗାଳି ଦେଇକି ।

ଆଉଟ୍‌କୁ ନେଇ ବିବାଦ ଚାଲଇ
ତୃତୀୟ ନିର୍ଣ୍ଣେତା କରେ ବିଚାର
ଧରା ପଡିଯାଏ ସମାଧାନ ହୁଏ
କହି ଦେଇଥାଏ ସେ କମ୍ପ୍ୟୁଟର ।

କଷ୍ଟରେ ଭାରତ ନଅ ଉଇକେଟେ
କରିଲା ଦୁଇଶ' ଚାଳିଶି ରନ
ଭରଷା ରଖିଲା ବୋଲର ଉପରେ
ନେବେ ଉଇକେଟ ଦେଇକି ମନ ।

ଖେଳର ଅବଧି ସରି ସରି ଆସେ
ଅଳପ ରନ୍ କୁ ଅଧିକ ବଲ୍
କିଏ ସେ ଜିତିବ କିଏ ସେ ହାରିବ
କହିବାଟା ପରା ନୁହେଁ ମୁସ୍କିଲ୍ ।

ସବୁ କଳ୍ପନାର ଘଟିଲା ସମାପ୍ତ
ଜ୍ୟୋତିର୍ବିଦୀ ବାଣୀ ହୋଇଲା ମିଛ
ଯଜ୍ଞ ପୂଜା ଆଦି ହୋଇଲା ବିଫଳ
ଆଗେ ଅଷ୍ଟ୍ରେଲିଆ ଭାରତ ପଛ ।

ହୃଦୟ ଭାଙ୍ଗିଲା ଭାରତ କାନ୍ଦିଲା
ଦେଖି ବିଶ୍ୱ କପ୍ କଙ୍ଗାରୁ ହାତେ
ଅଷ୍ଟ୍ରେଲିଆ ଜିତି ରଖିଗଲା କୀର୍ତ୍ତି
ଷଷ୍ଠ ଥର ପାଇଁ ଖେଳ ଜଗତେ ।

ବାଜିଲାନି ବାଜା ଫୁଟିଲାନି ବାଣ
ନର୍ତ୍ତକୀର ପାଦ ପୁରା ନୀରବ
ନିସ୍ତବ୍ଧ ହୋଇଲା ପୁରା ଷ୍ଟାଡିୟମ
ଭାରତୀୟ ଦଳ ଭାଙ୍ଗେ ଗରବ ।

ହାରିବା କାରଣ ଦାୟୀ କେଉଁ ଜନ
ବିବାଦ ଚାଲିବ ପୁଣି କେତେରେ
ଶତକଡା ଶହେ ଭାରତ ଜିତିବ
ଯିଏ କହୁଥିଲେ ଗଲେ କୁଆଡ଼େ ।

❤ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

'ଅନ୍ତରୀକ୍ଷର' ପାର୍ବଣ ସଂଖ୍ୟା ଉନ୍ମୋଚନ ଉତ୍ସବରେ ଗାଳ୍ପିକ ଆନନ୍ଦ କୁମାର ମାଇତିଙ୍କ ଦ୍ୱିତୀୟ ଗପବହି 'ଦାମ୍ପତ୍ୟ' ଲୋକାର୍ପିତ

ତିନି କୋଟି ୨୦ ଲକ୍ଷ ଟଙ୍କାର ବେଆଇନ୍ ଗଞ୍ଜେଇ ଗଛ ନଷ୍ଟ

କନ୍ଧମାଳ, ୨୦/୧୧ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବାଲିଗୁଡ଼ା ଥାନା ଅଂଚଳରେ ଆରମ୍ଭ ହୋଇଛି ଅପରେସନ୍ ନୀଳ ଜହର । କନ୍ଧମାଳ ଜିଲ୍ଲାର ଅନେକ ଅଂଚଳର ଲୋକେ ଗଞ୍ଜେଇ ଚାଲାଣକାରୀ ମାନଙ୍କ ପ୍ରଲୋଭନରେ ପଡ଼ି ନିଜ ବ୍ୟବସାୟ ଛାଡ଼ି ରାତାରାତି କୋଟିପତି ହେବାର ସ୍ୱପ୍ନରେ ବୁଡ଼ି ବେଆଇନ୍ ଗଞ୍ଜେଇ ଚାଷକୁ ଆପଣେଇଥିବା କୁହାଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଏଥିପ୍ରତି ସତର୍କତା ଅବଲମ୍ବନ କରିଥିବା ଜଣାପଡ଼ିଛି । ବେଆଇନ୍ ଗଞ୍ଜେଇ ଚାଷ ଅଂଚଳରେ ଚଢ଼ଉ ଆରମ୍ଭ କରିଛନ୍ତି କନ୍ଧମାଳ ପୋଲିସ୍ ଓ ଅବକାରୀ ବିଭାଗ । ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଓ ରେବିଙ୍ଗିଆ ଗ୍ରାମପଂଚାୟତର ବିଭିନ୍ନ ସ୍ଥାନରେ ଏସଡିପିଓ ୟସ୍ ପ୍ରତାପ ଶ୍ରୀମଲଙ୍କ ନେତୃତ୍ୱରେ ଥାନା ଅଧୀକାରୀ ସୁଶାନ୍ତ ସାହୁଙ୍କ ସମେତ ସଶସ୍ତ୍ର ପୋଲିସ ଫୋର୍ସ ଓ ଅବକାରୀ ଅଧିକାରୀ ଏବଂ କର୍ମଚାରୀ ମିଳିତ ଭାବେ ଚଢ଼ଉ କରି ଉଭୟ ଅଂଚଳର ୩୨ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ୍ ଗଞ୍ଜେଇ ଗଛକୁ କାଟି ସେଥିରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି । ଯାହାର ଆନୁମାନିକ ମୂଲ୍ୟ ତିନି କୋଟି ୨୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏନେଇ ବାଲିଗୁଡ଼ା ଥାନାରେ ଏକ ମାମଲା ୨୬୭/୨୦୨୩ ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ୍ । ଅନ୍ୟପଟେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ଥାନା ଅଧିକାରୀ ସୁଶାନ୍ତ ସାହୁ ।

ରାଜ୍ୟରେ ଖୋଲିବ ୭ ନୂଆ ସିଏନ୍‌ଜି ଷ୍ଟେସନ: ଦିନକୁ ୨୫ଟି ନୂଆ ଘରକୁ ରନ୍ଧନ ଗ୍ୟାସ ସଂଯୋଗ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ରାଜ୍ୟରେ ଗେଲ୍ ଇଣ୍ଡିଆ ଆଉ ୭ଟି ନୂଆ ସିଏନ୍‌ଜି ଷ୍ଟେସନ୍ ଖୋଲିବ। ଏଥିରୁ ୪ଟି ଷ୍ଟେସନ୍ ଖୋର୍ଦ୍ଧା ଜିଲ୍ଲାରେ ଏବଂ ୩ଟି ଷ୍ଟେସନ୍ କଟକ ଜିଲ୍ଲାରେ ଖୋଲାଯିବ। ଖୋର୍ଦ୍ଧା ଜିଲ୍ଲାର ଯେଉଁସବୁ ସ୍ଥାନରେ ନୂଆ ସିଏନ୍‌ଜି ଷ୍ଟେସନ ସ୍ଥାପନ ହେବ ସେଗୁଡ଼ିକ ହେଲା ନାଚୁଣୀ, କୁହୁଡ଼ି, ସାରୁ ଏବଂ ଟାଙ୍ଗି ବଡ଼ ପୋଖରିଆ। ସେହିଭଳି କଟକ ଜିଲ୍ଲାର ଯେଉଁ ୩ଟି ସ୍ଥାନରେ ଉକ୍ତ ଷ୍ଟେସନ୍ ଆରମ୍ଭ ହେବ ସେଗୁଡ଼ିକ ମଧ୍ୟରେ ଟାଙ୍ଗି ଓ ନିଷ୍ଚିନ୍ତକୋଇଲି ରହିଛି। ଏସବୁ ସିଏନ୍‌ଜି ଷ୍ଟେସନ ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି କମ୍ପାନିର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ୭ଟି ନୂଆ ସିଏନ୍‌ଜି ଷ୍ଟେସନ ସ୍ଥାପନ ହେବା ଫଳରେ ଓଡ଼ିଶାରେ ଗେଲ୍‌ର ସିଏନ୍‌ଜି ଷ୍ଟେସନ ସଂଖ୍ୟା ୩୦ରେ ପହଞ୍ଚିବ। ବର୍ତ୍ତମାନ ଉପରୋକ୍ତ ଦୁଇ ଜିଲ୍ଲାରେ ଗେଲ୍‌ର ୨୩ଟି ସିଏନ୍‌ଜି ଷ୍ଟେସନ୍ ରହିଛି। ଗେଲ୍ ଇଣ୍ଡିଆକୁ ବାଦ୍ ଦେଲେ ରାଜ୍ୟରେ ଗେଲ୍‌ର ସହାୟକ କମ୍ପାନି ଗେଲ୍ ଗ୍ୟାସ୍ ଲିମିଟେଡ୍, ଆଦାନି ଏବଂ ବିପିସିଏଲ ଭଳି କମ୍ପାନି ସିଏନ୍‌ଜି ଷ୍ଟେସନ ଅନ୍ୟ ଜିଲ୍ଲାରେ ସ୍ଥାପନ କରିଛନ୍ତି। ତେଣୁ ରାଜ୍ୟରେ ମୋଟ୍ ସିଏନ୍‌ଜି ଷ୍ଟେସନ ସଂଖ୍ୟା ରାଜ୍ୟରେ ପ୍ରାୟ ୪୦ ପାଖାପାଖି ହେବ। ଏଥିସହିତ ଗେଲ୍ ଇଣ୍ଡିଆ ରାଜଧାନୀ ଭୁବନେଶ୍ୱର ସମେତ କଟକରେ ଲୋକଙ୍କୁ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଇ ଦେଉଛି। ଦ୍ୱୈତ ନଗରୀରେ ଦିନକୁ ୨୦ରୁ ୨୫ଟି ଘରକୁ ନୂଆ ରନ୍ଧନ ଗ୍ୟାସ୍ ସଂଯୋଗ ପାଇପ୍ ଜରିଆରେ ଗେଲ୍ ପ୍ରଦାନ କରୁଛି। ଗତ ପ୍ରାୟ ୩ ବର୍ଷ ମଧ୍ୟରେ ଗେଲ୍ ଏହି ଦୁଇ ସହରରେ ୧୬ ହଜାରରୁ ଅଧିକ ଘରକୁ ପାଇପ୍ ଜରିଆରେ ଗ୍ୟାସ୍ ସଂଯୋଗ ଯୋଗାଇ ଦେଇଛି।

ଏଥିରୁ ୧୦ ହଜାରରୁ ଅଧିକ ସଂଯୋଗ ଭୁବନେଶ୍ୱରରେ ଏବଂ ୬ ହଜାରରୁ ଅଧିକ ସଂଯୋଗ କଟକରେ ରହିଛି। ଲୋକଙ୍କୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ରନ୍ଧନ ଗ୍ୟାସର ମୂଲ୍ୟ ଏସ୍‌ସିଏମ୍ (ଷ୍ଟାଣ୍ଡାର୍ଡ ଘନ ମିଟର) ପିଛା ଏବେ ୫୭ ଟଙ୍କା ୧୮ ପଇସା ରହିଛି। ଗୋଟିଏ ଏଲପିଜି ସିଲିଣ୍ଡରରେ ରହୁଥିବା ଗ୍ୟାସ୍ ୧୫ ଷ୍ଟାଣ୍ଡାର୍ଡ ଘନ ମିଟର ସହ ସମାନ। ତେଣୁ ମୂଲ୍ୟ, ପ୍ରଦୂଷଣ ଓ ନିରାପତ୍ତା ଆଦି ଦୃଷ୍ଟିରୁ ପାଇପ୍ ଜରିଆରେ ଗ୍ୟାସ୍ ସଂଯୋଗ ଅପେକ୍ଷାକୃତ ଭାବେ ଭଲ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ଦେଖାଦେଉଛି। ସେହିଭଳି ସିଏନ୍‌ଜି ମୂଲ୍ୟ ରାଜ୍ୟରେ କିଲୋଗ୍ରାମ ପିଛା ପେଟ୍ରୋଲ ଓ ଡିଜେଲ ତୁଳନାରେ କମ୍ ରହିଛି। କିଲୋଗ୍ରାମ ପିଛା ସିଏନଜି ମୂଲ୍ୟ ୮୯ ଟଙ୍କା ୭୫ ପଇସା ଅଛି।

ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଦୁଇ ଦିନିଆ ଜାତୀୟ ସେମିନାର

ଭୁବନ, ୨୦/୧୧ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଇସିଏସଏସଆର, ନୂଆଦିଲ୍ଲୀ ଆନୁକୂଲ୍ୟରେ ଦୁଇ ଦିନିଆ ଜାତୀୟ ସେମିନାର ଉଦଘାଟିତ ହୋଇଯାଇଛି । ଓଡ଼ିଶା ହ୍ୟୁମାନ ରାଇଟସ୍ କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏକବିଂଶ ଶତାବ୍ଦୀରେ ନାରୀଙ୍କ ପାଇଁ ସମସ୍ୟା ଓ ଆହ୍ୱାନ ସମ୍ପର୍କରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ରାଉରକେଲା ନିଟ ଅର୍ଥନୀତି ପ୍ରଫେସର ଜଳଧର ପ୍ରଧାନ ସ୍ୱାସ୍ଥ୍ୟ ଓ ମହିଳା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଆଇଆଇଟି ଇଂରାଜୀ ପ୍ରଫେସର ଅକ୍ଷୟ କୁମାର ରଥ ନାରୀଙ୍କ ପ୍ରଗତିରେ ସମାଜର ଉତଥାନ ହୋଇପାରିବା ସହ ନିଜ ମାନସିକତା ଦ୍ୱାରା ଏହାର ପରିବର୍ତନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାନ୍ତି ଆଇନ ଆଜି ନାରୀ ଶକ୍ତିକୁ ସୁଦୃଢ଼ କରିପାରିଛି ଓ ଆମ ମାନଙ୍କର ମନସ୍ତାତ୍ତ୍ୱିକ ପରିବର୍ତନରେ ହିଁ ନାରୀ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ମତ ଦେଇଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରଫେସର ମାନସ କୁମାର ବେହେରା ନାରୀ ସମ୍ମାନ ଓ ସହଭାଗିତା ବେଦ ଠାରୁ ମନୁସ୍ମୃତି ପର୍ଯ୍ୟନ୍ତ ଅଛି, କିନ୍ତୁ ପୁରୁଷ ମାନଙ୍କ ମାନସିକ ପରିବର୍ତନ ଯୋଗୁଁ ଆଜି ପର୍ଯ୍ୟନ୍ତ ନାରୀ ସୁରକ୍ଷା ଓ ନାରୀ ପ୍ରଗତି ବିଷୟରେ ଆମ୍ଭେ ଆଲୋଚନା କରୁଛେ । ପୁରୁଷର ମାନସିକ ପରିବର୍ତନ ହିଁ ନାରୀ ଶକ୍ତିର ଜାଗରଣ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରିଥିଲା ବେଳେ ରାଜନୀତି ବିଜ୍ଞାନ ମୁଖ୍ୟ ପ୍ରଫେସର ଡକ୍ଟର ମମତା ପାତ୍ର ସଂଯୋଜନା କରିଥିଲେ । ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ୩୧ ଜଣ ରିସର୍ଚ୍ଚ ସ୍କୋଲାରଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ ସେମିନାରରେ ଅଂଶ ଗ୍ରହଣ କରିଥିଲେ । ମହିଳା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

ଆମ ଗାଁ ସାହିତ୍ୟ ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୦/୧୧ (ନି.ପ୍ର): କେନ୍ଦ୍ରାପଡାର ଆମ ଗାଁ ସାହିତ୍ୟ ପରିଷଦର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ମହୋତ୍ସବ ସଂନ୍ଧ୍ୟା ମହା ବିଦ୍ୟାଳୟ ପରିସରରେ ସଭାପତି ସଂଜୟ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ଼ଃ ବିଜୟାନନ୍ଦ ସିଂହ ମୁଖ୍ୟ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ପ୍ରଫେସର ଡ଼ଃ ବିଜୟ କୁମାର ଶତପଥୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୌର ନିର୍ବାହୀ ଅଧିକାରୀ କବି ଦେବ ପ୍ରସାଦ ବଳ, ବରିଷ୍ଠ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ନକାର ଡ଼ଃ ସର୍ବେଶ୍ୱର ସେଣ ପ୍ରମୁଖ ଯୋଗ ଦେଇ ସାହିତ୍ୟ ସମାଜର ଦର୍ପଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ଜୀବନ ଦର୍ଶନ, ସମସ୍ୟା ଧର୍ମୀ ଓ ହୃଦୟସ୍ପର୍ଶୀ ଲେଖା କାଳଜୟୀ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ବାର୍ଷିକ ବିବରଣୀ ପାଠ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ସିନେମା ହଲ ମା' କାଳୀଙ୍କ ଭସାଣି ଯାତ୍ରା

ଭୁବନ, ୨୦/୧୧ (ନି.ପ୍ର): ଭୁବନ ସିନେମା ହଲ ଛକରେ ଗତ ରବିବାର ରାତିରୁ ମା କାଳୀଙ୍କ ୩୮ ତମ ବାର୍ଷିକ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଆଜି ସନ୍ଧ୍ୟାରେ ମା କାଳୀ ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେଉଛି । ମ୍ୟୁଜିକ ଗ୍ରୁପ୍ ,ଭାଙ୍ଗଡା ବାଜା ସାଙ୍ଗକୁ ମହିଳା ସଙ୍କୀର୍ତନ ମଣ୍ଡଳୀ ଙ୍କ ଗହଣରେ ମା କାଳୀ ଙ୍କୁ ବିଦାୟ ଦେଉଛନ୍ତି । କାଳୀ ପୂଜା କମିଟି ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ତତ୍ୱାବଧାନରେ ରବି ନାରାୟଣ ସାହୁ, ଧନେଶ୍ୱର ଦାସ, ଅଜିତ ନନ୍ଦୀ, ଟିଟୁ ଦାସ, ଲୋକନାଥ ପତ୍ର, ସମରସେନ୍ ନାୟକ,ଗୋପାଳ ନାୟକ, ନୀତେଶ କୁମାର ପୋଥାଳ, ପର୍ଶୁରାମ ପୋଥାଳ, ସଦାନନ୍ଦ ନାୟକ, ମନୋଜ ପୋଥାଳ ପ୍ରମୁଖ ଭସାଣି ଯାତ୍ରା ରେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

ଦାରିଙ୍ଗବାଡିରେ ଶୀତ ଆସର ଅନୁଷ୍ଠିତ

କନ୍ଧମାଳ, ୨୦/୧୧ (ନି.ପ୍ର): ଓଡ଼ିଶାର କାଶ୍ମୀର ତଥା ବରଫର ସହର ଦାରିଙ୍ଗାବାଡି ଠାରେ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଫୁଲବାଣୀ ଓ ବନାନୀ ସାରସ୍ୱତ ପରିଷଦ ଆନୁକୂଲ୍ୟରେ କବିତାୟନ, ଆଲୋଚନା ପର୍ବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଲେଖକ ସାମ୍ମୁଖ୍ୟର ଉପସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ତଥା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ କବିତା ଘରର ସମ୍ପାଦକ ଭାଗିରଥି ବେହେରା ଉଦଘାଟକ ଭାବେ ଯୋଗଦେଇଥିଲା ବେଳେ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟର ସମୃଦ୍ଧି ପାଇଁ କବିମାନେ ନିରନ୍ତର ବାସ୍ତବ ସାହିତ୍ୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ଅଧକ୍ଷ ମଧୁସୂଦନ ମହାପାତ୍ର କନ୍ଧମାଳର କବି ଓ ସାହିତ୍ୟିକ ମାନଙ୍କର କୃତୀ ଉପରେ ଆଲୋକପାତ କରିଥିଲେ। ଦାରିଙ୍ଗବାଡି ବଣିକ ସଂଘର ସଭାପତି ରମେଶ ଚନ୍ଦ୍ର ସାହୁ, ସାହିତ୍ୟିକ କପିଳ ଚନ୍ଦ୍ର ମହାନ୍ତି, ବନାନୀ ସାହିତ୍ୟ ପରିଷଦର ସଭାପତି ପତିତପାବନ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ବନବିହାରୀ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବନାନୀ ସାହିତ୍ୟ ପରିଷଦର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ହରପ୍ରିୟା ମିଶ୍ର, ଜ୍ୟୋତ୍ସ୍ନା କୁମାରୀ ପ୍ରଧାନଙ୍କ ମିଳିତ ସଂଯୋଜନାରେ ଶତାଧିକ କବି ସ୍ୱ ରଚିତ କବିତା ଆବୃତି କରିଥିଲେ। ଜିଲ୍ଲା ଲେଖକ ସାମ୍ମୁଖ୍ୟର ସହ ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ମଂଚ ପରିଚାଳନା କରିଥିଲା ବେଳେ ସଂଗଠନ ସମ୍ପାଦକ ପ୍ରସନ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମର୍ଦ୍ଧନା ପର୍ବରେ ବିଭିନ୍ନ ଜିଲ୍ଲାର ସାହିତ୍ୟ ସଂଗଠନ ମାନଙ୍କୁ ସମର୍ଦ୍ଧନା କରାଯାଇଥିଲା। ଫୁଲବାଣୀରୁ ଡ଼ଃ. ପୁର୍ଣେନ୍ଦୁ ତ୍ରିପାଠୀ, ଦୁର୍ଯ୍ୟୋଧନ ପ୍ରଧାନ, ଶ୍ୱେତାଲିନ ବେହେରା, ରାଜେନ୍ଦ୍ର ନାୟକ, କଳ୍ପନା ଧଳ, ଦିଶା ଦେବଯାନୀ ଧଳ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲ୍ଲା ଲେଖକ ସାମୁଖ୍ୟ ଓ ଫୁଲବାଣୀ ସମ୍ବାଦ ସାହିତ୍ୟ ଘରକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମିଲର ଓ ଦଲାଲଙ୍କୁ ସୁହାଉଛି ବିଳମ୍ବିତ ମଣ୍ଡି: ଆରମ୍ଭ ହେଲାଣି ଅଭାବୀ ବିକ୍ରି

କେସିଙ୍ଗା, ୨୦/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଗତ ୧୫ ଦିନରୁ ଅଧିକ ହେଲା ଧାନ ଅମଳ ଆରମ୍ଭ ହୋଇଯାଇଛି। ହେଲେ ପ୍ରଶାସନ ମଣ୍ଡି ନଭେମ୍ବର ୨୯ରେ ଆରମ୍ଭ କରୁଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏହି ବିଳମ୍ବିତ ମଣ୍ଡି ମିଲର୍ସ ଓ ଦଲାଲଙ୍କୁ ବେଶ୍ ସୁହାଉଛି। ଏବେ ପ୍ରଚୁର ପରିମାଣର ଧାନ ଦଲାଲ ଜରିଆରେ ମିଲ୍‌କୁ ପଶୁଥିବା ଦେଖିବାକୁ ମିଳୁଛି। ଗତ ୧୫ ତାରିଖ ଦିନର ଘଟଣାରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ସେହିଦିନ କେସିଙ୍ଗା ବ୍ଲକ୍ ଉକଲ୍‌ଲୋସ୍ଥିତ ଅରିହନ୍ତ ରାଇସ୍‌ମିଲ୍‌କୁ ବେଆଇନ ଭାବେ ଧାନ ପଶୁଥିବା ଭିଡିଓ ଭାଇରାଲ ହୋଇଥିଲା। ଧାନବୋଝେଇ ହୋଇଥିବା ୬ଟି ପିକ୍‌ଅପ୍ ଭ୍ୟାନ୍ ଓ ଗୋଟିଏ ମିନିଟ୍ରକ୍ ମିଲ୍‌କୁ ଆସିଥିଲା। ମିଲ୍ ମାଲିକ ବି ଏହାକୁ ସ୍ୱୀକାର କରିଥିଲେ। 'ସମସ୍ତେ କିଣୁଛନ୍ତି, ମୁଁ ବି କିଣିଲି' ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ତାଙ୍କର ଏହି ମନ୍ତବ୍ୟରୁ ସାରା ଜିଲ୍ଲାର ମିଲ୍‌ଗୁଡ଼ିକୁ ଏଭଳି ଭାବେ ବେଆଇନ ଧାନ ପଶି ସାରିଥିବା ଓ ଏବେ ବି ପଶୁଥିବା ସ୍ପଷ୍ଟ ହୋଇଯାଇଛି। ତଥାପି

ଯୋଗାଣ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ସ୍କ୍ୱାଡ୍ ଗଠନ କରି ଚଢ଼ଉ ପ୍ରହସନ ବୋଲି ଆଲୋଚନା ହେଉଛି। ଉକଲ୍‌ଲୋ ଘଟଣାରେ ଜିଲ୍ଲା ଯୋଗାଣ ବିଭାଗ ଆଜି ଯାଏଁ ତଦନ୍ତ କଥା କହୁଛି। ହେଲେ ଦିନ ବେଳେ ଖୋଲା ଖୋଲି ଚୋରି ପରେ ବି ସମସ୍ତେ ଚୁପ୍। ବର୍ତ୍ତମାନ ମାମଲାକୁ ରଫାଦଫା କରିବାରେ ବିଭାଗ ଲାଗିପଡ଼ିଥିବା ଆଲୋଚନା ହେଉଛି।

ଜିଲ୍ଲାରେ ଗତବର୍ଷ ୫୬ ଲକ୍ଷ କୁଇଣ୍ଟାଲ ଧାନକିଣା ହୋଇଥିଲା। ଏ ବର୍ଷ କୃଷି ବିଭାଗ ରିପୋର୍ଟ ଅନୁଯାୟୀ ପ୍ରାୟ ୭୦ ଲକ୍ଷ କୁଇଣ୍ଟାଲ ଧାନ ଅମଳ ହେବା ସମ୍ଭାବନା ରହିଛି। ଗତବର୍ଷର ରିପୋର୍ଟକୁ ଦେଖି ରାଜ୍ୟ ଯୋଗାଣ ବିଭାଗ ୫୧ ଲକ୍ଷ ୪୭ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦେଇଛି। ଏଥିପାଇଁ ୨୧୯ ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ସମବାୟ ସଂସ୍ଥା କିଣିବାକୁ ପ୍ରସ୍ତୁତ ହୋଇଛି। ଭବାନୀପାଟଣା ଉପଖଣ୍ଡରେ ଏବେ ୩୦ ପ୍ରତିଶତ ଛୋଟଧାନ ଅମଳ ହୋଇଗଲାଣି। କିନ୍ତୁ, ମଣ୍ଡି ଖୋଲି ନଥିବାରୁ ଚାଷୀମାନେ କୁଇଣ୍ଟାଲ ପିଛା ୫ଶହରୁ ୬ ଶହ ଟଙ୍କା କମ୍ ଦରରେ ଦଲାଲମାନଙ୍କୁ ବିକ୍ରି କରୁଛନ୍ତି। ଏବେ ଗାଁ ଗାଁରେ ଦଲାଲ ସକ୍ରିୟ ହୋଇ ଛୋଟ ଚାଷୀମାନଙ୍କଠାରୁ ଧାନ ନେଇ ବେଆଇନ ଭାବେ ରାଜ୍ୟ ବାହାରକୁ ବି ଚାଲାଣ କରୁଛନ୍ତି। ଏହି କାରବାରରେ ମିଲର୍ସ ଓ ଦଲାଲମାନେ କୋଟି କୋଟି ଟଙ୍କାର ଲାଭ ପାଉଛନ୍ତି। ସେମାନଙ୍କୁ ଯୋଗାଣ ବିଭାଗ ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷ ଧାନ ଅମଳ ହୋଇ ନଥିବା କହୁଛି।

କେନ୍ଦ୍ରାପଡା ବାଲିଯାତ୍ରା କମିଟିର ନୂତନ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା, ୨୦/୧୧ (ନି.ପ୍ର): କେନ୍ଦ୍ରାପଡା ସହରର ଗୋବରୀ ନଦୀ କୂଳରେ ଗରାପୁର, ଗୁଲନଗର ଓ କପାଳେଶ୍ୱର ପଂଚାୟତର କେନ୍ଦ୍ର ସ୍ଥଳୀରେ ଥିବା ଗୋବରୀ ନଦୀ ପଠାରେ ଦୀର୍ଘ ୬ ବର୍ଷ ହେବ ପାଳନ କରାଯାଇ ଆସୁଥିବା ବାଲିଯାତ୍ରା ମହୋତ୍ସବ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏଥିରେ ଗୁଲନଗର ପଂଚାୟତର ପୂର୍ବତନ ସରପଂଚ ସମାଜସେବୀ କରୁଣାକର ସାହୁଙ୍କୁ ନୂୟନ କମିଟିର ସଭାପତି କରାଯାଇ ଥିବାବେଳେ କପାଳେଶ୍ୱର ପଂଚାୟତର ସରପଂଚଙ୍କ ପ୍ରତିନିଧି ତଥା ଯୁବ ନେତା ଲୋହିତ କୁମାର ମହାନ୍ତିଙ୍କୁ ସଂପାଦକ ଭାବେ ଚୟନ କରାଯାଇଛି । ଆଗକୁ ବାଲିଯାତ୍ରା ମହୋତ୍ସବ ହେବାକୁ ଥିବାବେଳେ ତାହାର ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ଏହି ପଂଚାୟତ ୩ଟିର ପ୍ରମୁଖ ବ୍ୟକ୍ତି ମାନଙ୍କ ସମେତ କମିଟିର ବହୁ ପୁରାତନ ଓ ନୂତନ ସଦସ୍ୟ ଏହି କମିଟିରେ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥି

ଦୁଇଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ:ହଜାର ହଜାର ଭକ୍ତଙ୍କ ସମାବେଶ

ନୀଳଗିରି , ୨୦/୧୧ (ନି.ପ୍ର): ପରିବେଶ ଅସନ୍ତୁଳନ, ଦେଶ ଦେଶ ମଧ୍ୟରେ ଭୟଙ୍କର ଯୁଦ୍ଧର ବିଭୀଷିକା, ରକ୍ତମୁଖା ମନୁଷ୍ୟ ସମାଜ, ନାନା ଦୁର୍ନୀତି, ଅନୀତି, ରାହାଜାନୀ, ଲୁଟୁତରାଜ ଆଦି ମାନବ ସମାଜକୁ ପଥଭ୍ରଷ୍ଟ କରିଦେଇଛି । ସମାଜରେ ବଢି ଚାଲିଛି ନାରୀ ନିର୍ଯାତନା । କୁପଥଗାମୀ ମନୁଷ୍ୟ ସମାଜକୁ ଶାନ୍ତିର ବାର୍ତ୍ତା ପ୍ରଦାନ ନେଇ ଧାର୍ମିକ ଭାବନାରେ ଏକ ଛୋଟିଆ ପ୍ରୟାସ କରିଛି ନୀଳଗିରିର ବ୍ରାହ୍ମଣ ସମାଜ । ନୀଳଗିରି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ବିଶ୍ୱଶାନ୍ତି ନିମନ୍ତେ ମହାଯଜ୍ଞର ଆୟୋଜନ କରାଯାଇଥିଲା । ୧୯ତାରିଖ ରବିବାର ଦିନ ପୂର୍ଣ୍ଣକଳସ ସ୍ଥାପନ ପୂର୍ବକ ଶହ ଶହ ସଂଖ୍ୟାରେ ବ୍ରାହ୍ମଣ ପଣ୍ଡିତ, ଶାସ୍ତ୍ରବିଦ୍, ଧର୍ମଗୁରୁ ମାନେ ଉପସ୍ଥିତ ରହି ବିଶ୍ୱଶାନ୍ତି ନିମନ୍ତେ ଯଜ୍ଞରେ ଘୃତ ଆହୂତି ଦେଇଥିଲେ । ପଣ୍ଡିତ ମାନଙ୍କ ମନ୍ତ୍ର ଉଚ୍ଚାରଣରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇଥିଲା । ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିବା ବେଳେ ସୋମବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଛି । ମଧ୍ୟାହ୍ନରେ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଯାହାକୁ ଲୋକମାନେ ଆଗ୍ରହର ସହିତ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆୟୋଜିତ କରିବାରେ ନୀଳଗିରି ବ୍ରାହ୍ମଣ ସମାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବହୁ ବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସାହାଯ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇପାରି ଥିବାରୁ ବ୍ରାହ୍ମଣ ସମାଜ ତରଫରୁ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଦିଆଯାଇଛି । ପରେ ବ୍ରାହ୍ମଣ ପଣ୍ଡିତ ମାନଙ୍କୁ ନେଇ ଏକ ମହାସଭା ଅନୁଷ୍ଠିତ ହୋଇଥିଲା ।୧୯୨୦/୨୧ମସିହାରେ ରାଣୀ ଆନନ୍ଦ

କୁମାରୀ ଦେବୀଙ୍କ ୩୦ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ଜମିଦାର କାଶୀନାଥ ପଣ୍ଡାଙ୍କ ଭୂଦାନର ବାଲେଶ୍ୱର ଦାମୋଦରପୁର ଠାରେ ବ୍ରାହ୍ମଣ ସମିତି ଗଠନ କରାଯାଇଥିଲା । ଏହି ସମିତି ଅନୁବନ୍ଧନରେ ନୀଳଗିରି ବ୍ରାହ୍ମଣ ସମାଜ ପରିଚାଳିତ ହେଉଥିବା ବେଳେ ଆଜି ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୀଳଗିରି ବ୍ଲକ ବ୍ରାହ୍ମଣ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ । ଏଥିରେ ଓଡ଼ିଶା ମନ୍ଦିର ସେବାୟତ ସଂଘ ସଭାପତି କାମେଶ୍ୱର୍ ତ୍ରିପାଠୀ, ନୀଳଗିରି ବ୍ରାହ୍ମଣ ସମାଜ ସଭାପତି ବିଜୟ କୁମାର ତ୍ରିପାଠୀ,ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ, ରାଣୀ ମନୋଜା ମଞ୍ଜରୀ ଦେବୀ, ରାଜ୍ୟ ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ, ରାଜ୍ୟ ସମ୍ପାଦକ ରାମ ପ୍ରସାଦ ଦାସ, ସନ୍ତୋଷ ପଣ୍ଡା, ରମେଶ ମହାପାତ୍ର, ଜିଲ୍ଲା ସଭାପତି ଶ୍ରୀଶଃ ଦାସ , କୃଷ୍ଣ ଚନ୍ଦ୍ର ପତ୍ରି, ଗୌରଚନ୍ଦ୍ର ଦାସ, ବ୍ରହ୍ମା ପୂଣ୍ୟଶ୍ଳୋକ ନନ୍ଦ, ସରୋଜ କୁମାର ନନ୍ଦ, ଶକ୍ତିପଦ ପଣ୍ଡା ପ୍ରମୁଖ ସାମିଲ ଥିଲେ । ଅଧ୍ୟାପକ ପ୍ରଦୀପ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ ।

ବାଡ଼ଘେରାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ : ଜଣେ ଗୁରୁତର, ଦୁଇ ଆହତ

ନୀଳଗିରି: ଘର ବାଡ଼ିରେ ବାଡ଼ଘେରାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।ଜଣେ ମହିଳାଙ୍କୁ ହାଣି ଆଗେ ଫାଣ୍ଡିରେ ଏତଲା ଦେଇଥିବା ଅଭିଯୋଗ କରିଥିବା ବେଳେ ଆଉ ଜଣେ ୧୦/୧୫ ଜଣ ଦୁର୍ବୃତ୍ତଙ୍କୁ ଆଣି ଫାଣ୍ଡି ଆଗରେ ଉଭୟ ଦମ୍ପତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ଏହାରି ଭିତରେ ପୋଲିସ ତଦନ୍ତ କରୁଥିବା ବେଳେ ଘଟଣାର କେତେ ସତ୍ୟତା ପୋଲିସ ଖୋଜି ନ୍ୟାୟ ପ୍ରଦାନ କରୁଛି ତାହା ଉପରେ ସମସ୍ତଙ୍କ ନଜର ଥିବା ଜଣାପଡିଛି ।ସୂଚନାଯୋଗ୍ୟ ନୀଳଗିରି ଥାନା ଅଧିନ ଈଶ୍ୱରପୁର ପଞ୍ଚାୟତ ବାହାବଳପୁର ଗାଁର ହରେକୃଷ୍ଣ ଧାଉଁଡିଆଙ୍କ ପରିବାର ସହିତ ତାଙ୍କର ପଡିଶାଙ୍କର ସ୍ୱଦା ପୂର୍ବରୁ ବିବାଦ ରହିଥାଏ । ସେହିଗ୍ରାମର ଆକାଶ ଧଳ ତାଙ୍କର ଦକ୍ଷିଣ ପାର୍ଶ୍ୱ ବାଡ଼ ଘେରୁଥିବା ବେଳେ ତାଙ୍କ ପୋଡୋଶି ହରେକୃଷ୍ଣ ଧାମୁଡ଼ିଆ ଆସି ପାଟିତୁଣ୍ଡ କରିବା ପରେ ଆରମ୍ଭ ହୋଇଥିଲା ବଚସା ।ପରେ ହରେକୃଷ୍ଣ ଉତକ୍ଷିପ୍ତ ହୋଇ ଏକ ଭୁଜାଲିରେ ଆକାଶଙ୍କ ମାଆ ଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ତାଙ୍କ ମୁଣ୍ଡରେ ଗଭୀର କ୍ଷତ ଲାଗିଥିବା ବେଳେ ତାଙ୍କୁ ଗୁରୁତର ଭାବରେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ଏନେଇ ସେ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ହରେକୃଷ୍ଣ ଏବଂ ତାଙ୍କ ସ୍ତ୍ରୀ ଈଶ୍ୱରପୂର୍ ଫାଣ୍ଡି କୁ ଅଭିଯୋଗ ଦେଇ ଫାଣ୍ଡି ରୁ ବାହାରୁଥିବା ବେଳେ ଫାଣ୍ଡି ସମ୍ମୁଖରେ ୧୦ ରୁ ୧୫ ତାଙ୍କୁ ଠେଙ୍ଗା ଏବଂ ଇଟାରେ ମରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ଫାଣ୍ଡି

ଅଧିକାରୀ ଦମ୍ପତି ଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିବା ଜଣାପଡିଛି ।ତେବେ ଜଣେ ମହିଳା ଗୁରୁତର ହୋଇ ଜୀବନ ମରଣ ସହିତ ସଂଗ୍ରାମ କରୁଥିବାବେଳେ ଆଉ ଦୁଇଜଣ ମଧ୍ୟ ଆହତ ହୋଇଛନ୍ତି । ପୋଲିସ୍ ଘଟଣାକୁ ଗୁରୁତର ସହ ନେଇ ଘଟଣାର ତଦନ୍ତ କରୁଥିବା ବେଳେ ଘଟଣାର ସତ୍ୟତା ଉପରେ କିପରି ନ୍ୟାୟ ପ୍ରଦାନ କରୁଛି ତାହା ଉପରେ ସମସ୍ତଙ୍କ ନଜର ଥିବା ଜଣାପଡିଛି ।

ଉତ୍ତର ଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସଭା

ବାଲେଶ୍ୱର, ୨୦/୧୧ (ନି.ପ୍ର): ଉତ୍ତର ଓଡ଼ିଶାରେ ବିଦ୍ୟୁତ୍ ସଂସ୍ଥା ଅଧିନରେ କାର୍ଯ୍ୟକରି ଚାକିରିରୁ ଅବସର ନେଇଥିବା କର୍ମଚାରୀମାନଙ୍କୁ ନେଇ ଗଠିତ 'ନର୍ଥ ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ' ପଞ୍ଜୀକୃତ ହେବାପରେ ସଂଘର ପ୍ରଥମ ସାଧାରଣ ସଭା ବାଲିଆସ୍ଥିତ ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଭାରେ ଉପସଭାପତି ଶଶାଙ୍କ ଶେଖର ବେହେରା ସଭାପତିତ୍ୱ କରିଥିଲେ । ଆବାହକ ଭରତ ଚନ୍ଦ୍ର ସେଠୀ ସଂଘର ପଞ୍ଜୀକରଣ ସଂପର୍କରେ ଅବଗତ କରାଇ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କର୍ତ୍ତୃପକ୍ଷ ସେମାନଙ୍କର ଦୀର୍ଘ ଦଶ

ପନ୍ଦର ବର୍ଷ ଏନ୍ଏମ୍ଆର୍ ଚାକିରି କାଳର ଗ୍ରାଚ୍ୟୁଇଟି ପ୍ରଦାନ କରୁନାହାନ୍ତି । ଏହି ଚାକିରି କାଳର ଗ୍ରାଚ୍ୟୁଇଟି ପାଇଁ ୧୨ଜଣ ଅବସରପ୍ରାପ୍ତ କର୍ମଚାରୀ ଆଇନ୍‌ର ଆଶ୍ରୟ ନେଇ ଜୟଯୁକ୍ତ ହୋଇଛନ୍ତି । ତେଣୁ ଏହି ବର୍ଗର ସମସ୍ତ କର୍ମଚାରୀମାନଙ୍କୁ କର୍ତ୍ତୃପକ୍ଷ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ଶ୍ରୀ ସେଠୀ ଦାବି କରିଥିଲେ । ସର୍ବଶ୍ରୀ ବ୍ରହ୍ମାନନ୍ଦ ଦାସ, ନବକିଶୋର ଦାସ, ସୁରେନ୍ଦ୍ର ଲେଙ୍କା, ଗଜେନ୍ଦ୍ର ବେହେରା, ଦୟାନିଧି ପାଳ, ଅରୁଣ ସିଂହଙ୍କ ସମେତ ସଂଘର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଓ ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍‌ର ନେତା ସତ୍ୟ ନାରାୟଣ ବେହେରା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଆଇନଗତ ଦାବି ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ସମୟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସଂଘର ସାଧାରଣ ସଂପାଦକ ତାଙ୍କର ଦାୟିତ୍ୱ ତୁଲାଇବାକୁ ଅନିଚ୍ଛା ପ୍ରକାଶ କରିବାରୁ ଭରତ ଚନ୍ଦ୍ର ସେଠୀଙ୍କୁ ସାଧାରଣ ସଂପାଦକ ଓ ଅରୁଣ ସିଂହଙ୍କୁ କୋଷାଧକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି । ସଂଘର ସଭ୍ୟସଂଖ୍ୟା ବୃଦ୍ଧିପାଇଁ ସମସ୍ତ ଜିଲ୍ଲା ଓ ଡିଭିଜନ୍ ସ୍ତରୀୟ ବୈଠକ ଆସନ୍ତା ଦୁଇମାସ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି । ଶେଷରେ ଜଗନ୍ନାଥ ମାହାଲ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ସଭାରେ ଉତ୍ତର ଓଡ଼ିଶାର ୫ଟି ଜିଲ୍ଲାରୁ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ ।

ପୁଣି ଟାଟା ଏସି ସହ ଗୋରୁଗାଡି ଜବତ: ଗୋରୁ ଉଦ୍ଧାର, ଦୁଇ ଜଣ ଅଟକ

ବସ୍ତା,୨୦।୧୧(ନିପ୍ର) : ପୁଣି ସୋମବାର ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ହଳଦିପଦା ବାଇପାସ ନିକଟରେ ଟାଟା ଏସି ଗାଡି ଜବତ ସହ ଗୋରୁ ଉଦ୍ଧାର ହୋଇଛି ।ବଜରଙ୍ଗ ଦଳ ଦ୍ୱାରା ଜବତ । ସୂଚନା ରୁ ପ୍ରକାଶ ଯେ ଅପରାହ୍ନ ସମୟରେ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଟାଟା ଏସି ଗାଡି (ଗାଡି ନ ୟର ଓଡ଼ି ୦୨ ଏପି ୭୭୬୩)ରେ ଗୋରୁ ବୋଝେଇ ହୋଇ ଯାଉଥିବା ବେଳେ ହଳଦିପଦା ଢ଼ାବା ନିକଟରୁ ଗାଡି କୁ ପିଛା କରିଥିଲେ ବଜରଙ୍ଗ ଦଳର କାର୍ମୀ । ହଳଦିପଦା ବାଇପାସ ନିକଟରେ ଚାରିଜଣ ବଜରଙ୍ଗ ଦଳର କର୍ମୀ ଗାଡି ଅଟକ କରି ପଚରାଉଚରା ପରେ ଗାଡି କୁ ବସ୍ତା ଥାନା ରେ ଜିମାଦେଇ ଲିଖିତ ଅଭିଯୋଗ କରିଥିଲେ । ଏହି ଛୋଟ ଗାଡ଼ିରେ ତିନୋଟି ଗୋରୁ ଅତି କଷ୍ଟ ରେ ଥିଲେ । ଅଭିଯୋଗ ପାଇ ପୁଲିସ ଗାଡି ଜବତ କରି ଗାଡି ରେ ଥିବା ଜଣେ ମହିଳା ଓ ଜଣେ ପୁରୁଷ କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି ।ପ୍ରକାଶ ଥାଉକି ଗତ କାଲି ଏହି ରାଜପଥ ର ବସ୍ତା ଥାନାର ଭେଲୋର । ଠାରେ ପିକ ଅପ ଗାଡି ଜବତ ହୋଇ ୧୪ ଗୋରୁ ଉଦ୍ଧାର କରାଯାଇ ଥିବାବେଳେ ଆଜି ପୁଣି ଗାଡି ଜବତ ହୋଇ ଗୋରୁ ଉଦ୍ଧାର ହୋଇଛି ।ଲଗାତର ଭାବେ ଅଧିକାଂଶ ଦିନ ଗାଡି ଜବତ ହୋଇ ଅସଂଖ୍ୟ ଗୋରୁ ଉଦ୍ଧାର ହେଉଛି । ତେବେ ପୁଲିସ ଅପେକ୍ଷା । ବଜରଙ୍ଗ ଦଳ ଅଧିକାଂଶ ଗାଡି ଧରୁଛି ।ଏଣୁ ପୁଲିସ ଏ ବାବଦ ଅଧିକ ସକ୍ରିୟ ହେବାର ଆବଶ୍ୟକତା ରହିଛି ।

AFFIDAVIT

An affidavit before the executive Magistrate Balasore, I, Srustidhar Behera, aged about 58 yrs, Son of Damodar Behera, of Village-Bhagichakurai, Po.-Dhobachakurai, P.s- Basta, Dist- Balasore Declare that I have one postal RPIL policy having No. 51215 dt. 23.3.06 where in my name has been mentioned inadvertantly my nick name as Bhanu Charana Behera instead of Srustidhar Behera (good name) which needs to be corrected. That, in my Aadhaar card my name also mentioned Srusthidhar Behera. That, myself Srustidhar Behera and Bhanu Charana Behera is one and same Person. Henceforth I will known as Srustidhar Behera in all purpose.

Srustidhar Behera

ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିପାଟଣା , ୨୦/୧୧ (ନି.ପ୍ର): ଆଜି ଅପରାହ୍ନରେ ବିଜେଡି ଦଳର ଗତ ୩ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ପ୍ରାୟ ଏକ ହଜାର ରୁ ଉର୍ଦ୍ଧ ସକ୍ରିୟ କର୍ମୀ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଦଳକୁ ସୁଦୃଢ କରିବା ସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ପାଇଁ ବରିଷ୍ଠ ନେତାମାନେ କର୍ମୀଙ୍କୁ ପଥ ପ୍ରଦର୍ଶନ କରିଥିଲେ । ଜୟଦେବ ର ନେତୃତ୍ୱ ନେଇଥିବା ଟାଣୁଆ ନେତା କମଳ କୁମାର ପାତ୍ରଙ୍କ ଦିଗ୍ ଦର୍ଶନ ରେ ଦଳ ବର୍ତ୍ତମାନ ସ୍ଥିତିରେ ଆଗୁଆ ରହିଛି । ଏହି ଧାରା କୁ ଆଗେଇ ନେବାପାଇଁ ଆଜି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀ ଗୁମାନ ସିଂହ, ଶ୍ରମ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ଦଳର ମୁଖପାତ୍ର ମଧୁସ୍ମିତା ନାୟକ, ଇପ୍ସିତା ସାହୁ, ଜିଲ୍ଲା କୋଷାଧକ୍ଷ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଦଳର ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ବୃନ୍ଦ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ ବିଜେଡି ସଭାପତି କିଶୋର ଜେନା,ପ୍ରଦୀପ୍ତ ଜେନାମଣି,ସମିତି ଅଧକ୍ଷା ହରପ୍ରିୟା ଦାସ, ବାସନ୍ତୀ ଖଟୁଆ,ଉପାଧକ୍ଷା ଇତିଶ୍ରୀ ଜେନା,ରାଜଲକ୍ଷ୍ମୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସୁକନ୍ୟା ସେଠୀ, ମଙ୍ଗରାଜ ବେହେରା, ମହେଶ୍ୱର ଦାସ, କୁନମୁନ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱ ରେ ଦଳ ଆଗାମୀ ନିର୍ବାଚନ ରେ ନିଶ୍ଚୟ ବିଜୟୀ ହେବା ପାଇଁ ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

ଉଦଳା ବ୍ଲକ କଂଗ୍ରେସର ନୂତନ ସଭାପତି ନିଯୁକ୍ତ

ଉଦଳା , ୨୦/୧୧ (ନି.ପ୍ର): ଉଦଳା ବ୍ଲକର ପୂର୍ବତନ ସଭାପତି ସେକ୍ ମଇନୁ ଙ୍କର ଆକସ୍ମିକ ମୃତ୍ୟୁ ପରେ ଦିର୍ଘଦିନ ଉଦଳା ବ୍ଲକ ସଭାପତି ପଦ ଖାଲି ରହିଥିଲା ଓ ଉଦଳା ବ୍ଲକର ଯୁବ ନେତା ରାମଚନ୍ଦ୍ର ସିଂ କାର୍ଯ୍ୟକାରି ସଭାପତି ଭାବେ କାର୍ଯ୍ୟ ଚଳାଇ ଆସୁଥିଲେ । ମାତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାମଚନ୍ଦ୍ର ସିଂଙ୍କୁ ସ୍ଥାୟୀ ବ୍ଲକ ସଭାପତି ଭାବେ ନିଯୁକ୍ତି କରାଯାଇଅଛି । ରାମଚନ୍ଦ୍ର ସିଂ କଂଗ୍ରେସ ଦଳର ଜଣେ ପୁରୁଣା ସଂଗଠକ ଓ ବହୁ ଅନୁଷ୍ଠାନ ସହିତ ଜଡ଼ିତ । ତାଙ୍କର ଏହି ନିଯୁକ୍ତି ପାଇଁ ଉଦଳା ବ୍ଲକ କଂଗ୍ରେସର କର୍ମି ମାନଙ୍କ ମଧ୍ୟରେ ଏକ ନୂତନ ଆଶା ସୃଷ୍ଟି ହୋଇଅଛି । ତାଙ୍କ ଦ୍ୱାରା ଦଳ ଆଗାମି ଦିନରେ ଅଧିକ ସୁଦୃଢ଼ ହୋଇପାରିବ ବୋଲି କଂଗ୍ରେସ କର୍ମି ମାନେ ମତ ବ୍ୟକ୍ତ କରିଅଛନ୍ତି । ଏହି ନିଯୁକ୍ତି ପାଇଁ ରାମଚନ୍ଦ୍ର ସିଂ ଜିଲ୍ଲା ସଭାପତି ହେମନ୍ତ କୁମାର ଦାସ ଓ ପିସିସି ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଦଳକୁ ଅଧିକ ମଜଭୁତ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବେ ବୋଲି ମତ ବ୍ୟକ୍ତ କରିଅଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବୟସାଧିକ ଓ ରୋଗାକ୍ରାନ୍ତ ଲୋକଙ୍କୁ ...

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ । ଆଜି ଶ୍ରୀମନ୍ଦିର ସମ୍ମୁଖରେ ବଡ଼ଦାଣ୍ଡରେ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ସକାଳୁ ଆସିଥିବା ଭକ୍ତ ଦିନ ୧୦ଟା ଯାଏ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା । ଭିଡ଼ ଯୋଗୁ ଭକ୍ତମାନେ ଅପେକ୍ଷା କରି କରି ବ୍ୟତିବ୍ୟସ୍ତ ହୋଇଯାଇଥିବା ଦେଖାଯାଇଥିଲା । କିଛି ଲୋକ ଅସୁସ୍ଥ ମଧ୍ୟ ହୋଇପଡ଼ିଥିଲେ । ଏମିତିକି ଜଣେ ବୃଦ୍ଧା ତାଙ୍କୁ ଧାଡ଼ିରୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ । ସ୍ଥିତି ବଡ଼ ଦୟନୀୟ ହୋଇଯାଇଥିଲା । ଆଜି ଗୋଟିଏ ଦିନ ନୁହେଁ, ମାସ ମାସ ଧରି ଏମିତି ଭିଡ଼ ହେଉଥିବା ସତ୍ତ୍ୱେ କାହାର ଯେପରି ଏଥିପ୍ରତି ନିଘା ନାହିଁ । ଶ୍ରୀମନ୍ଦିରରେ ଏବେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ଭକ୍ତ । ଶ୍ରୀମନ୍ଦିର ପରିକ୍ରମ ପ୍ରକଳ୍ପ ହେତୁ ଅନ୍ୟ ତିନି ଦ୍ୱାର ବନ୍ଦ ଥିବାରୁ ଏପରି ସ୍ଥିତି ଉପୁଜୁଥିବା କୁହାଯାଉଛି । ଶ୍ରୀମନ୍ଦିର ଅବ୍ୟବସ୍ଥା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ । ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଡହଳ ବିକଳ ସ୍ଥିତି ଦେଖି ଅତ୍ୟନ୍ତ ଭଙ୍ଗି ପଡ଼ିଛନ୍ତି ଛତିଶଗଡ଼ ରାଜ୍ୟପାଳ । ସେ କହିଛନ୍ତି, ଗୋଟିଏ ଦ୍ୱାର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ବନ୍ଦ ରଖି ଅନ୍ୟ ତିନିଟି ଦ୍ୱାରକୁ ଖୋଲା ରଖିବାକୁ ବ୍ୟବସ୍ଥା କଲେ ସରୁଖୁରୁରେ ଦର୍ଶନ କରିପାରନ୍ତେ ଭକ୍ତ ।

ଦୁଇଟି ବାଘ ...

ଚଢ଼ାଉ କରି ବୈଦ୍ୟରାଜ ମଲ୍ଲିକଙ୍କଠାରୁ ଦୁଇଟି ବାଘ ଛାଲ ଜବତ କରିଥିଲା । ସେ ସେଠାକୁ ବାଘ ଛାଲ ବିକ୍ରି କରିବାକୁ ଯାଇଥିଲେ ବୋଲି ଜଣାପଡ଼ିଛି । ଏସ୍‌ଟିଏଫ୍ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଜବତ ବାଘ ଛାଲକୁ ଡେରାଡୁନ୍ ସ୍ଥିତ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁକୁ ଯାଞ୍ଚ ପାଇଁ ପଠାଯିବ ।

ଆଜିଠୁ ବିଧାନସଭା...

ବୈଠକରେ ମୁଖ୍ୟତଃ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ରତ୍ନଭଣ୍ଡାରର ମରାମତି ଓ ଅଳଙ୍କାର ଗଣନା, ଆଦିବାସୀ ଜମି ହଡ଼ପ ଷଡ଼ଯନ୍ତ୍ର, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା, ଆବାସ ଯୋଜନାର ଦୁର୍ନୀତି, ବ୍ୟାପକ ପିସି କାରବାର, ଦୁର୍ନୀତି ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କଠୁ ଜବାବ ମାଗିବାକୁ ବିଜେପି

ମଙ୍ଗଳବାର, ନଭେମ୍ବର ୨୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଉଦଳା ମହାବିଦ୍ୟାଳୟ ସ୍ୱୟଂଶାସିତ ହେବା ଉଚିତ : ଚିନ୍ତାମଣି ମହାନ୍ତ

ଉଦଳା , ୨୦/୧୧ (ନି.ପ୍ର): ଉଦଳା ମହାବିଦ୍ୟାଳୟର ନବନିଯୁକ୍ତ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା ମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଚଳିତ ନଭେମ୍ବର ୧୭ ତାରିଖ ଦିନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଯତିନ କୁମାର ମହାକୁଡ଼ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ ଅନୁମୋଦନରେ ନବନିଯୁକ୍ତ ପରିଚାଳନା କମିଟିର ସଭାପତି ରୁପେ ଅବସରପ୍ରାପ୍ତ ଶିକ୍ଷାବିତ ଚିନ୍ତାମଣି ମହାନ୍ତ ମନୋନିତ ହୋଇଥିବା ବେଳେ, ସଦସ୍ୟ ଚତୁର୍ଭୁଜ ପାତ୍ର, ସୋଏବ ଅହମଦ, ବିଷ୍ଣୁଚରଣ ପାଢ଼ି, ଅଧ୍ୟାପକ ଡ଼. ଆଲୋକ ରଂଜନ ପ୍ରଧାନ, ଅକ୍ଷୟ କୁମାର ବେହେରା, ସଦସ୍ୟା ଲିଲି ଭୋଳ, ଯମୁନାରାଣି ମାର୍ଣ୍ଡି, ରଶ୍ମିତା ପଣ୍ଡା, ଅଧ୍ୟାପିକା ରେହେନା ସୁଲତାନ ପ୍ରମୁଖ ମନୋନିତ ହୋଇଛନ୍ତି । ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ଏହି ନବାଗତ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା ମାନଙ୍କୁ ମହାବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ନବନିଯୁକ୍ତ ସଭାପତି ତାଙ୍କ ବକ୍ତବ୍ୟରେ ଐତିହାସିକ ଉଦଳା ମହାବିଦ୍ୟାଳୟ ସ୍ୱୟଂ ଶାସିତ ହେବା ଉଚିତ ବୋଲି ବ୍ୟକ୍ତ କରିଛନ୍ତି । ଉକ୍ତ ପରିଚାଳନା କମିଟି ଆଗାମି ୩ ବର୍ଷ ପର୍ଯ୍ୟନ୍ତ ନିଜର ଦାୟିତ୍ୱ ତୁଲାଇବ ବୋଲି ଜଣା ପଡ଼ିଛି ।

ଫକୀର ମୋହନ କଲେଜ ଏନଏସୟୁଆଇ କ୍ୟାମ୍ପସ କମିଟି ଗଠିତ

ବାଲେଶ୍ୱର, ୨୦/୧୧ (ନି.ପ୍ର): ବାଲେଶ୍ୱର : ଛାତ୍ର କଂଗ୍ରେସ ତରଫରୁ ଜିଲ୍ଲାବ୍ୟାପୀ ସମସ୍ତ କଲେଜ କ୍ୟାମ୍ପସ କମିଟି ଗଠନ ପ୍ରକ୍ରିୟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ବାଲେଶ୍ୱର ର ପ୍ରମୁଖ କ୍ୟାମ୍ପସ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ କମିଟି ଗଠନ ହୋଇଥିବାର ସୂଚନା ଦେଇଛନ୍ତି । ଏହି ୮ ଜଣିଆ କମିଟିରେ କାର୍ଯ୍ୟକାରୀ ସଭାପତି ଭାବେ ପବିତ୍ର ମହାପାତ୍ର, ଉପସଭାପତି ଭାବେ ଆକାଂକ୍ଷା ଜେନା, ସାଗର ମହାନ୍ତି, ଏବଂ ସାଧାରଣ ସମ୍ପାଦକ ଭାବେ ଗଣେଶ କୁମାର ପାତ୍ର, ତପସ୍ୟା ଜେନା, ସ୍ମିତିଧର ଦାସ, ତନୁଜା ତନୁଶ୍ରୀ ଜେନା ଏବଂ ବିଶ୍ୱଜିତ ମହାଳିକଙ୍କୁ ନିଯୁକ୍ତି ଦିଆଯାଇଛି । କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ନିଜ ନିଜ ଦାୟିତ୍ୱ ସଠିକ ଭାବରେ ତୁଲାଇ ସଂଗଠନକୁ କଲେଜ କ୍ୟାମ୍ପସ ମଧ୍ୟରେ ସୁଦୃଢ କରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

ସିପିଏମ୍ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର , ୨୦/୧୧ (ନି.ପ୍ର): ଏବେ ବଜାରରେ ସମସ୍ତ ଆବସ୍ୟକୀୟ ପଦାର୍ଥ, ଔଷଧର ମୂଲ୍ୟ ଆକାଶଛୁଆଁ ହୋଇଛି । ଲୋକଙ୍କ ଠାରୁ ଜିଏସ୍‌ଟି ଆଦାୟ ହେଉଛି । ଅନ୍ୟପକ୍ଷରେ ବଡବଡ କମ୍ପାନୀକୁ କୋଟି କୋଟି ଟଙ୍କା ଟିକସ ଛାଡ ହେଉଛି । ଦୁଃଖର ବିଷୟ ବହୁବର୍ଷ ପୂର୍ବରୁ ରାଜ୍ୟରେ ଭତ୍ତା ପ୍ରଦାନ ଆରମ୍ଭ ହୋଇଥିବା ବେଳେ ଏବେ ବିଭିନ୍ନ ରାଜ୍ୟ ୧ହଜାରରୁ ୩ହଜାର ଯାଏ ଭତ୍ତା ଦେଉଛନ୍ତି । କିନ୍ତୁ ଓଡିଶାରେ ଗତ ଏବେ ୫ଶହ ଟଙ୍କାର ଭତ୍ତା ମିଳୁଛି । ସିପିଆଇଏମ୍‌ର ଲଗାତାର ଆନ୍ଦୋଳନ ଫଳରେ ଏହି ରାଶି ୨ଶହ ଟଙ୍କାରୁ ବୃଦ୍ଧିପାଇ ୫ଶହ ଟଙ୍କା ହୋଇଛି । ଗତ ସେପ୍ଟେମ୍ବର ୨୫ତାରିଖରେ ଦଳପକ୍ଷରୁ ଏହି ଅର୍ଥରାଶି ୩ହଜାର ଟଙ୍କାକୁ ବୃଦ୍ଧିଲାଗି ଗଣବିକ୍ଷୋଭ ହୋଇଥିବା ବେଳେ ଅଦ୍ୟାବଧି ତାହା ହୋଇନାହିଁ । ଅନ୍ୟପକ୍ଷରେ ନିର୍ବାଚିତ ପ୍ରତିନିଧି ଏମ୍‌ଏଲଏ ଓ ସାଂସଦ ମାନଙ୍କ ଭତ୍ତା ବହୁଗୁଣ ବୃଦ୍ଧି ପାଇଛି । ପୂର୍ବ ସୂଚନା ଅନୁଯାୟୀ ଆଜିଠାରୁ ବ୍ଲକ ସମ୍ମୁଖରେ ୩ଦିନ ଲାଗି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ସରକାର ୩ଦିନ ମଧ୍ୟରେ ଭତ୍ତା ବୃଦ୍ଧି ନ କଲେ ଆସନ୍ତା ୨୬, ୨୭, ୨୮ ତାରିଖରେ ରାଜଭବନ ସମ୍ମୁଖରେ ଅହରାତ୍ର ଗଣଧାରଣା ଦିଆଯିବା ସଂପର୍କରେ ଦଳପକ୍ଷରୁ ଆଜି କୁହାଯାଇଛି । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ତାପସୀ ପ୍ରହରାଜ, ଆରତୀ ପଲେଇ, ସନ୍ତୋଷ ଦାସ ପ୍ରମୁଖ ବହୁ ପୁରୁଷ ଓ ମହିଳା ବକ୍ତବ୍ୟ ପ୍ରଦାନ କରିଥିଲେ ।

ଫାଇନ ସେଲ୍ସ ଚିଟଫଣ୍ଡ ଠକେଇ: ନିର୍ଦ୍ଦେଶକଙ୍କୁ ଜାମିନ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଫାଇନ ସେଲ୍ସ ପ୍ରାଇଭେଟ୍ ଲିମିଟେଡ ଚିଟଫଣ୍ଡ ଠକେଇ ମାମଲା । ସଂସ୍ଥାର ନିର୍ଦ୍ଦେଶକ ତଥା ଭିନ୍ନକ୍ଷମ ଅଭିନେତା ମହମ୍ମଦ ନାସିରକୁ ହାଇକୋର୍ଟରୁ ଜାମିନ ମିଳିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲାରେ ନାସିରକୁ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । ବାଲେଶ୍ୱର, ଭଦ୍ରକ ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଫାଇନ ସେଲ୍ସ ପ୍ରାଇଭେଟ୍ ଲିମିଟେଡ ନାମକ ଚିଟଫଣ୍ଡ ସଂସ୍ଥା ଅନେକ ଲୋକଙ୍କୁ ଲୋଭନୀୟ ଅଫର ଦେଖାଇ କୋଟି କୋଟି ଟଙ୍କା ଠକିଥିବା ନେଇ ସିବିଆଇ ଓ ଇଡିରେ ମାମଲା ରୁଜୁ ହୋଇଥଲା । ଚାର୍ଜସିଟ ଦାଖଲ ପରେ ନାସିରକୁ ୨୦୧୯ ମସିହାରେ ନିଜ ହେପାଜତକୁ ନେଇଥିଲା ଇଡି ।

ବରିଷ୍ଠ ସାମ୍ବାଦିକ ମନୋଜ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୦/୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅବସରରେ ପ୍ରଶାସନ ପକ୍ଷରୁ ବରିଷ୍ଠ ସାମ୍ବାଦିକ ମନୋଜ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା ଓ ସ୍ୱାଗତ କରାଯାଇଛି । ଶ୍ରୀ ବିଶ୍ୱାଳ ଦୀର୍ଘଦିନ ଧରି ସମ୍ବାଦରେ ନିଜର ସାମ୍ବାଦିକତା ଜୀବନ ଆରମ୍ଭ କରି ଖ୍ୟାତି ଅର୍ଜନ କରିଛନ୍ତି । ବିଶେଷକରି ଦୀର୍ଘଦିନ ଧରି ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ବିଭିନ୍ନ ଅଂଚଳ ବୁଲି ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିଥିବାରୁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପଡ଼ିଛନ୍ତି । ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ପାଇଁ ଜିଲ୍ଲା ପ୍ରଶାସନ ଉପଯୁକ୍ତ ନ୍ୟାୟ ଦେଇଥିବାରୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି । ଶ୍ରୀ ବିଶ୍ୱାଳ ଦାୟିତ୍ୱବୋଧତା ସମସ୍ତଙ୍କଠାରେ ତାଙ୍କୁ ଲୋକପ୍ରିୟ କରିପାରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ କମଳ ବଣ୍ଟନ

ଲଙ୍ଗଳେଶ୍ୱର, ୨୦/୧୧ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ନାଇକୁଡି ପଞ୍ଚାୟତର ବଡାଣ ଗ୍ରାମର ଥିବା ବସୁନ୍ଧରା ଚାରି ଟେବୁଲ୍ ଟ୍ରଷ୍ଟ ଅଧିନରେ ପରିଚାଳିତ ହୋଉଥିବା ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ କମଳ ବଣ୍ଟନ କରାଯାଇଥିଲା । ବସ୍ତା ଅଞ୍ଚଳ ର ସୁନାମଧନ୍ୟ ଡାକ୍ତର ଅରୁଣ ଭୂୟାଁ ଓ ତାଙ୍କ ପତ୍ନୀ ବାପାଙ୍କ ଶ୍ରାଦ୍ଧ ଦିବସରେ ବୃଦ୍ଧା ଆଶ୍ରମରେ ପହଞ୍ଚି ସେଠାରେ ରହୁଥିବା ବୃଦ୍ଧ ଲୋକଙ୍କ ସହିତ ଭାବ ବିନିମୟ କରିଥିଲେ ଏହି ଉତ୍ସବକୁ ସ୍ମରଣୀୟ ରଖିବାକୁ ସ୍ମୃତି ଉଦେଶ୍ୟ ରେ କମଳ ବଣ୍ଟନ କରିଥିଲେ । ଆଶ୍ରମ ପକ୍ଷରୁ ତପସ୍ୱିନୀ କର, ରବିନ୍ଦ୍ର ସାହୁ, ଝରଣା ରାଉତ, ସନ୍ତୋଷ କୁମାର ଲେଙ୍କା,ଶିବ କୁମାର ପାତ୍ର, ପ୍ରଦୀପ ଭୂୟାଁ, ବାବୁଲା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଶାଗୁଆନ ବଗିଚାରୁ ୪୦ଗ୍ରାମ ବ୍ରାଉନସୁଗର ଜବତ: ଜଣେ ଗିରଫ

ଖୋର୍ଦ୍ଧା, ୧୯/୧୧ (ନି.ପ୍ର): ଖୋର୍ଦ୍ଧା ସାଗୁଆନ ବଗିଚାରୁ ପୁଣି ୪ଲକ୍ଷ୍ୟ ମୂଲ୍ୟର ବ୍ରାଉନସୁଗର ଜବତ ହୋଇଛି । ଆଉ ଜବତ କରିଛି ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ । ଏହି ଘଟଣାରେ ବ୍ରାଉନସୁଗର ବେପାରୀ ସାଗୁଆନ ବଗିଚାର ବିଭୁରଞ୍ଜନ ରାଉତରାୟ (୫୫)କୁ ଗିରଫ କରିଛି । ତାଙ୍କଠାରୁ ୪୦ଗ୍ରାମ ବ୍ରାଉନସୁଗର ଜବତ କରିଛି । ସୋମବାର ପୂର୍ବାହ୍ନରେ ଠେଙ୍ଗାହାଟ ଛକରେ ବ୍ରାଉନସୁଗର ବେପାର କରୁଥିବାବେଳେ ମୋବାଇଲ ୟୁନିଟ ଟିମ୍ ସେଠାରେ ଚଢଉ କରି ତାକୁ ଗିରଫ କରିଛନ୍ତି । ତାଠାରୁ ବ୍ରାଉନସୁଗରକୁ ଅବକାରୀ ଟିମ ଜବତ କରିଛି । ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ଲକ୍ଷ ହେବ ବୋଲି ଅବକାରୀ ବିଭାଗ ଆକଳନ କରିଥିବା ଜଣାଯାଇଛି । ପ୍ରକାଶ ଥାଉକି, ଖୋର୍ଦ୍ଧା ବ୍ରାଉନସୁଗାର କାରବାର ହବ୍ ପାଲଟିଛି । ଦୈନିକ ଏଠାରେ ଲକ୍ଷାଧିକ ଟଙ୍କାର କାରବାର ହେଉଛି । ବାଲେଶ୍ୱର ପ୍ରଭୃତି ଅଂଚଳରୁ ଗଳା ବାଟ ଦେଇ ବିପୁଳ ପରିମାଣର ବ୍ରାଉନସୁଗାର ଏଠାକୁ ଆସୁଛି । ଏଠାରୁ ଜିଲାର ବିଭିନ୍ନ ଗ୍ରାମାଂଚଳ ସମେତ ପଡୋଶୀ ଜିଲାକୁ ପଠାଯାଉଛି । କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଲସାରେ ଯୁବପିଢି ଏଥିରେ ସାମିଲ ହୋଇ ବିପଦଗାମୀ ହେବା ସହ ଅପରାଧିକ ମାମଲାରେ ଜଡିତ ରହୁଥିବା ନଜିର ରହିଛି । କ୍ରାଇମବ୍ରାଂଚର ଏସଟିଏଫ, ଜିଲା ପୋଲିସ ଏବଂ ଅବକାରୀ ପକ୍ଷରୁ ବାରମ୍ବାର ଚଢଉ ସତ୍ତ୍ୱେ ମଧ୍ୟ ବ୍ରାଉନସୁଗାର ସାମ୍ରାଜ୍ୟ କାୟା ବିସ୍ତାର କରିବାରେ ଲାଗିଛି । ପୋଲିସ, ଏସଟିଏଫ ଏବଂ ଅବକାରୀ ପକ୍ଷରୁ ପୁଳା ପୁଳା ବ୍ରାଉନସୁଗାର ଧରାଯାଉଛି । ତଥାପି ଥମିବା ପରିବର୍ତ୍ତେ ବଢି ଚାଲିଛି । ସାହି, ଗଳିକନ୍ଦିରେ ଏହା ବ୍ୟାପିଗଲାଣି ।ଏହି କାରବାରରେ ଯୁବକଙ୍କ ପରେ ମହିଳା ମାନେ ଘରେ ରହି ବିକ୍ରି କରୁଥିବା ଦେଖିବାକୁ ମିଳିଛି । ପୋଲିସ ଛୋଟ ବେପାରୀଙ୍କୁ ଧରି ବାହାବା ମାରୁଥିବା ବେଳେ କାରବାର ପଛର ମାଷ୍ଟରମାଇଣ୍ଡ, ନିଶା ମାଫିଆ ମାନେ ଖୋଲା ଆକାଶରେ ବୁଲୁଛନ୍ତି । ପୋଲିସ ନିଷ୍କ୍ରିୟତାର ସୁଯୋଗ ନେଇ ନିଜ କଳା ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି । ଖୋର୍ଦ୍ଧା ସହରର ବରୁଣେଇ ସାହି ଗୁଣ୍ଡିଚାନଗର ର ଜଣେ ଲେଡି ଡନ ଏହି କାରବାର ମାତିଥିବା ନେଇ ପୁଲିସ ଓ ଅବକାରୀ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଗିରଫ ନକରିବା ଘଟଣା ବି ପୁଲିସ ଓ ଅବକାରୀ ର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଥିବା ଆଲୋଚନା ହେଉଛି । ଉକ୍ତ ଲେଡି ଡନ ଜଣଙ୍କ ବିଭିନ୍ନ ଛକ ସ୍ଥାନ, ଶୂନଶାନ ଜାଗାରେ ଗ୍ରାହକଙ୍କୁ ବ୍ରାଉନସୁଗାର ପହଁଚାଉ ଥିବାବେଳେ ଉକ୍ତ ମହିଳାଙ୍କ ଘର ନିକଟରେ ପ୍ରତ୍ୟେକ ସମୟରେ ଦାମୀ ଗାଡି ଲାଗୁଛି । ଏପରିକି ରାତି ଅଧରେ ଘରଠାରୁ କିଛି ଦୂରରେ ଗାଡି ରଖି କେତେକ ଅସାମାଜିକ ଯୁବକ ତାଙ୍କ ନିକଟକୁ ପାଉ ନେବାକୁ ଆସୁଥିବା ନଜିର ରହିଛି । ଏଥିସହିତ ବିଭିନ୍ନ ସାହିଗଳି କନ୍ଦିରେ ଜନୈକା ମହିଳା ମାତ୍ରାଧିକ ବେପାର ଚଳାଇଥିବା ଆଲୋଚନା ହେଉଛି । ଠେଙ୍ଗାହାଟ ଅଂଚଳରୁ ବ୍ରାଉନସୁଗାର ଆଣି ବେଧଡକ ଭାବେ ଏହି କାରବାର ଚଳାଇଥିବା ବେଳେ ଏବେ ପୋଲିସ, ଅବକାରୀ ନିକଟରେ ଖବର ସତ୍ତ୍ୱେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ବିଭିନ୍ନ ମହଲରେ ଅସନ୍ତୋଷଭାବ ଦେଖାଦେଉଛି ।

ଗାୟତ୍ରୀ ଶକ୍ତିପୀଠରେରେ ବାର୍ଷିକ ଉତ୍ସବ ଓ ନବକୁଣ୍ଡୀୟ ମହାଯଜ୍ଞ

ଖଇରା, ୧୯/୧୧ (ନି.ପ୍ର): ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ଖଇରା ଗାୟତ୍ରୀ ପୀଠର ବାର୍ଷିକ,ପାଠକ ସମ୍ମିଳନୀ,ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତଥା ପୀଠ ପ୍ରତିଷ୍ଠାତା ଶଙ୍କର୍ଷଣ ମହାନ୍ତିଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ୩ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଧର୍ମଧ୍ୱଜା ଉତ୍ତୋଳନ କରିଥିଲେ । ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା,ଆଇଆଇସି ଗୟାଧର ବେହେରା ପ୍ରମୁଖ ମା ଭଉଣୀଙ୍କ ଦ୍ୱାରା ଆୟୋଜିତ କଳସ ଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ପରେ ଅଖଣ୍ଡ ଜ୍ୟୋତି ପତ୍ରିକାର ଜିଲା ସ୍ତରୀୟ ପାଠକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପତ୍ର ଅଶୋକ ପାଣ୍ଡିଆ,ରାଧେଶ୍ୟାମ ପ୍ରଜାପତି, ଆଞ୍ଚଳିକ ସଂଯୋଜକ ବଳରାମ ସାହୁ ମନ୍ତବ୍ୟ ରଖିଥିଲେ । ସୋମବାର ଉଦ୍‌ଯାପନୀ ଦିବସରେ ପ୍ରତିଷ୍ଠାତାଙ୍କର ଶ୍ରାଦ୍ଧ, ତିଳତର୍ପଣ ଓ ସ୍ମୃତିସଭା ଇତ୍ୟାଦି ର ଆୟୋଜନ କରାଯାଇଥିଲା । ପରେ ଗାୟତ୍ରୀ ମହାଯଜ୍ଞ, ସଂସ୍କାର ଓ ପୂର୍ଣ୍ଣାହୁତି ପରେ ସଙ୍କର୍ଷଣ ରେବତୀ ମେମୋରିଆଲ ଫାଉଣ୍ଡେସନ ଆନୁକୂଲ୍ୟରେ ଖଇରାରେ କାର୍ଯ୍ୟରତ ସାମ୍ବଦିକ କିଶୋର ବେହେରା,ଲୋଚନ ରାଉତ, ଧନଞ୍ଜୟ ପଣ୍ଡା, ଉମେଶ କୁମାର ଜେନା, ତପୋଧନ ବାରିକ, ବଳରାମ ଲେଙ୍କା,ଛାୟାକାନ୍ତ ମହାନ୍ତି ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧୀତ କରାଯାଇଥିଲା । ଅସୁସ୍ଥ ଖବରଦାତା କିଶୋର କୁମାର ବେହେରାଙ୍କୁ ଆର୍ଥୀକ ସହାୟତା ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଯଜ୍ଞବରାହ ମହାନ୍ତି, ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ରଞ୍ଜିତା ମହାନ୍ତି, ଯୋଗ ଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ,ଯଜ୍ଞ କମିଟି ସଭାପତି ଉମେଶ ଚନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ, ଅକ୍ଷୟ ମହାନ୍ତି, କୈଳାସ ଚନ୍ଦ୍ର ପୃଷ୍ଟି, ଉଦୟ, ଶଙ୍କୁନ୍ତଳା ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।

ସାଇବର କ୍ରାଇମ୍ ପୁଲିସ୍ ଷ୍ଟେସନର ପ୍ରତିଷ୍ଠା ଦାବି କଲା ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି

ଭଦ୍ରକ, ୨୦/୧୧ (ନି.ପ୍ର): ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲାରେ ଏକ ସାଇବର କ୍ରାଇମ୍ ପୁଲିସ୍ ଷ୍ଟେସନର ସ୍ଥାପନା ନିମନ୍ତେ ଜିଲା କଂଗ୍ରେସର କମିଟିର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ର ଦାବି କରିଛନ୍ତି । ଜିଲାର ଆରକ୍ଷୀ ଅଧୀକ୍ଷକ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ ପୂର୍ବକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଇଥିବା ସୂଚନା ଅନୁସାରେ ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ସାଇବର କ୍ରାଇମ ପୁଲିସ୍ ଷ୍ଟେସନ ଅତ୍ୟନ୍ତ ଆବଶ୍ୟକୀୟ ବୋଲି ସେ କହିଛନ୍ତି । ଗତ ୧୦ ବର୍ଷର କ୍ରାଇମ୍‌ର ତଥ୍ୟକୁ ନେଇ ଶ୍ରୀ ମହାପାତ୍ର ଦେଇଥିବା ସୂଚନା ମୂଳେ ଜିଲାରେ ପ୍ରାୟ ୨୦ ପ୍ରତିଶତ କ୍ରାଇମ୍ ସାଇବର ସମ୍ବଳିତ ଅଟେ । ଅନଲାଇନ୍ ଜାଲିଆତି ହେଉ କି ମିଛ ଫେସବୁକ୍ ଆକାଉଣ୍ଟ, ଇମେଲ ଆକାଉଣ୍ଟ, ଏଟିଏମ୍ ଜାଲିଆତି ହେଉ କି ମହିଳାମାନଙ୍କ ଚରିତ୍ରକୁ ନେଇ ବ୍ଲାକମେଲିଂ ଓ ହିନ୍ଦୁ-ମୁସଲିମ୍ ଭାଇଚାରାକୁ ନଷ୍ଟ କରିବା ନେଇ ଉତ୍ତେଜନା ମୂଳକ ମନ୍ତବ୍ୟ ହେଉ ବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନଙ୍କର ଚରିତ୍ରକୁ ନେଇ ବିଭ୍ରାନ୍ତମୂଳକ ତଥ୍ୟ ପରିବେଷଣ କରିବା ଭଳି ଯେଉଁସବୁ ସାଇବର କ୍ରାଇମ୍ ଘଟିଚାଲିଛି, ତାହାକୁ ରୋକାଯିବା କ୍ଷେତ୍ରରେ ସାଇବର କ୍ରାଇମ୍ ପୁଲିସ୍ ଷ୍ଟେସନର ପ୍ରତିଷ୍ଠା ଏହି ଜିଲାରେ ଜରୁରୀ ହୋଇପଡିଛି । ରାଜ୍ୟ ସରକାର ୩୦ ଟି ଜିଲାରୁ ମାତ୍ର ୧୫ଟିରେ ଏହି ଥାନା ପ୍ରତିଷ୍ଠା କରିଥିବାବେଳେ ଉତ୍ତର ଓଡ଼ିଶାର ଏକ ପ୍ରମୁଖ ଉପକୂଳ ଜିଲା ଭାବେ ପରିଚିତ ଭଦ୍ରକରେ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ସ୍ଥାପନା ନକରିବା ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ମହାପାତ୍ର ଦର୍ଶାଇଛନ୍ତି । ବିଶ୍ୱସ୍ତରୀୟ ଧାମରା ପୋର୍ଟ ହେଉ କି ଭାରତବର୍ଷର ଅନ୍ୟତମ ବ୍ୟସ୍ତବହୁଳ ୧୬ନଂ ଜାତୀୟ ରାଜପଥ, ବେଦାନ୍ତ ଫେକରର କ୍ରୋମାଇଟ୍ କାରଖାନା ବା ପୂର୍ବତଟ ରେଲପଥ, ସବୁ ଦୃଷ୍ଟିକୋଣରୁ ଏହି ଜିଲାରେ ସାଇବର କ୍ରାଇମ୍ ପୁଲିସ୍ ଷ୍ଟେସନର ପ୍ରତିଷ୍ଠା ନିହାତି ଗୁରୁତ୍ୱପୂର୍ଣ୍ଣ । ଏଣୁ ଆଗାମୀ ଦିନରେ ଏହା ପ୍ରତିଷ୍ଠା କରିବାକୁ ଶ୍ରୀ ମହାପାତ୍ର ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଓ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ଜରିଆରେ ଅବଗତ କରାଇଛନ୍ତି । ଏହି ସାଇବର କ୍ରାଇମ୍ ପ୍ରତିଷ୍ଠା ହେଲେ ଅତ୍ୟାଧୁନିକ ଡିଜିଟାଲ ଫରେନସିକ୍ ଉପକରଣ ମାଧ୍ୟମରେ ଅଭିଯୋଗକାରୀର ଅଭିଯୋଗ ମୂଳେ ଅଭିଯୁକ୍ତକାରୀର ସମସ୍ତ ଗତିବିଧି ଜଣାପଡିବ ବୋଲି ଶ୍ରୀ ମହାପାତ୍ର ସୂଚନାଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଗର ଯୁବକଂଗ୍ରେସ ସଭାପତି ସୁଶାନ୍ତ ଦା